

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୯ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 October 2024
Vol.No. 35 ■ No.278 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନେତାନ୍ୟାହୁଙ୍କ ବଡ ଘୋଷଣା: ସର୍ତ୍ତ ମାନିଲେ ଲଢ଼େଇ ବନ୍ଦ



ନୂଆଦିଲ୍ଲୀ, ୧୮/୧୦ : ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକ ବଡ଼ ଘୋଷଣା କରିଛନ୍ତି । ହମାସର ନେତା ୟାହିୟା ସିନୱାରଙ୍କ ହତ୍ୟା ପରେ ସେ ଗାଜାବାସୀଙ୍କୁ ସମ୍ବୋଧିତ କରିଥିଲେ। ଏହି ସମୟରେ ନେତାନ୍ୟାହୁ କହିଛନ୍ତି ଯେ ଯଦି ହମାସ ଇସ୍ରାଏଲର ବନ୍ଧକମାନଙ୍କୁ ଫେରାଇ ଆଣିବାକୁ ଏବଂ ଅସ୍ତ୍ରଶସ୍ତ୍ର ରଖିବାକୁ ରାଜି ହୁଏ, ତେବେ ଆସନ୍ତାକାଲି ଯୁଦ୍ଧ ଶେଷ ହେବ । ଏବେ ଦେଖିବାକୁ ବାକି ରହିଲା ହମାସ ବେଞ୍ଜାମିନ ନେତାନ୍ୟାହୁଙ୍କ ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି କି ନାହିଁ । ସୂଚନାଯୋଗ୍ୟ, ୧୭ ଅକ୍ଟୋବରରେ ୟାହିୟା ସିନୱାରଙ୍କୁ ଇସ୍ରାଏଲ ସେନା ଦ୍ୱାରା ହତ୍ୟା କରାଯାଇଥିଲା । ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲେ ସିନୱାର। ଠିକ ଗୋଟିଏ ବର୍ଷ ଏବଂ ୧୦ ଦିନ ପରେ ଇସ୍ରାଏଲ ସିନୱାରଙ୍କୁ ହତ୍ୟା କଲା । ତାଙ୍କ ସହ ଅନ୍ୟ ଦୁଇ ଆତଙ୍କବାଦୀଙ୍କୁ ମଧ୍ୟ ହତ୍ୟା କରାଯାଇଛି ।ତାଙ୍କ ଅଫିସିଆଲ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ବାର୍ତ୍ତାରେ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ୟାହିୟା ସିନୱାରଙ୍କ ମୃତ୍ୟୁ ହୋଇଛି । ସାହସୀ ଇସ୍ରାଏଲ ସେନାମାନେ ତାଙ୍କୁ ରାଫାରେ ହତ୍ୟା କରିଛନ୍ତି। ତେବେ ଏହା ଗାଜାରେ ଯୁଦ୍ଧର ସମାପ୍ତ ନୁହେଁ। କିନ୍ତୁ ଏହା ନିଶ୍ଚିତ ଭାବରେ ଏକ ଆରମ୍ଭ। ଗାଜାବାସୀଙ୍କୁ ମୋର ପ୍ରତ୍ୟକ୍ଷ ବାର୍ତ୍ତା ହେଉଛି ଆସନ୍ତାକାଲି ଯୁଦ୍ଧ ଶେଷ ହୋଇପାରେ, କିନ୍ତୁ ଯଦି ହମାସ ଅସ୍ତ୍ରଶସ୍ତ୍ର ରଖିବ ତେବେ ଏହା ଶେଷ ହେବ। ଇସ୍ରାଏଲ ବନ୍ଧକମାନଙ୍କୁ ଫେରସ୍ତ କର। ନେତାନ୍ୟାହୁ ସୂଚନା ଦେଇଛନ୍ତି, ହମାସ ଗାଜାରେ ୧୦୧ଜଣଙ୍କୁ ବନ୍ଧକ ରଖିଛନ୍ତି। ଏଥିରେ ଇସ୍ରାଏଲ ସମେତ ୨୩ ଟି ଦେଶର ନାଗରିକ ଅଛନ୍ତି। ଇସ୍ରାଏଲ ସମସ୍ତଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ସେ ଆହୁରି ମଧ୍ୟ କହିଛନ୍ତି . ଯେଉଁମାନେ ବନ୍ଧକଙ୍କୁ ଫେରାଇ ଦିଅନ୍ତି ସେମାନଙ୍କ ସୁରକ୍ଷା ପାଇଁ ଇସ୍ରାଏଲ ନିଶ୍ଚିତ କରିଥାଏ।

## ମଣ୍ଡିରୁ ଧାନ କିଣିପାରିବେନି ମିଲର: ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଏଥର ମଣ୍ଡିରୁ ଧାନ କିଣିପାରିବେନି ମିଲର । କେନ୍ଦ୍ରୀୟ ଏଜେନ୍ସି ବା ସମବାୟ ଏଜେନ୍ସି ମଣ୍ଡିରୁ ଧାନ କିଣିବେ । ଧାନ କ୍ରୟ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ଏଥର ବିଶେଷ ବ୍ୟବସ୍ଥା ହୋଇଥିବା ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି, ପ୍ରତି ମଣ୍ଡି ଦାୟିତ୍ୱରେ ଜଣେ ଜଣେ ଅଫିସର ରହିବେ । ୪/୫ଟି ମଣ୍ଡି ଦାୟିତ୍ୱରେ ରହିବେ ଜଣେ ଜଣେ ସୁପରଭାଇଜର । ଜିଲ୍ଲା ଦାୟିତ୍ୱରେ ଜିଲ୍ଲାପାଳ ଏବଂ ଜଣେ ଜଣେ ମନ୍ତ୍ରୀ ୨ଟି ଜିଲ୍ଲା ଦାୟିତ୍ୱ ନେବେ । ଏଥିସହ ମିଲରମାନଙ୍କୁ ଟାର୍ଗେଟ ଦିଆଯିବ, ସେମାନେ କେବଳ ମିଲିଂ କରିବେ ବୋଲି ସ୍ପଷ୍ଟ କରିଛନ୍ତି ଯୋଗାଣ ମନ୍ତ୍ରୀ । ଗତ କିଛିଦିନ ତଳେ ଧାନ ମଣ୍ଡିକୁ ନେଇ ମୋହନ ସରକାର ବଡ଼ ନିଷ୍ପତ୍ତି ନେଇଥିଲେ । ଧାନକିଣା ବେଳେ ସିଲ୍ ହେବ ପଡ଼ୋଶୀ ରାଜ୍ୟ ସୀମା। ଜିଲ୍ଲା ଦାୟିତ୍ୱରେ ରହିବେ ମନ୍ତ୍ରୀ। କଟନୀଛଟନୀ ବନ୍ଦ କରିବାକୁ ଧାନର ମାନ ଥରେ ମାତ୍ର ଯାଞ୍ଚ କରିବାକୁ ହୋଇଛି ନିଷ୍ପତ୍ତି । ସେହିପରି ଟୋକନ୍ ସମୟ ସୀମା ଜିଲ୍ଲାପାଳମାନେ ଚାହିଁଲେ ବଢ଼ାଇ ପାରିବେ । ରହିବନି କଟନୀଛଟନୀ । ବନ୍ଦ ହେବ ମିଲରଙ୍କ ମନମାନୀ । ମଣ୍ଡି ଜଗିବେ ମନ୍ତ୍ରୀ । ମଣ୍ଡିରେ କେବଳ ଥରେ ହିଁ ଯାଞ୍ଚ ହେବ ଧାନର ମାନ। ସେହି ମାନ ଅନୁସାରେ ଧାନ କିଣିବେ ମିଲର । ସବୁଠୁ ବଡ଼ ନିଷ୍ପତ୍ତି ହେଲା, ଧାନ ବିକ୍ରି ବେଳେ ସିଲ୍ ହେବ ପଡ଼ୋଶୀ ରାଜ୍ୟ ସୀମା। ଛତିଶଗଡ଼, ▶▶ପୃଷ୍ଠା ୭

## ଭାଙ୍ଗିଯିବ କି ବିଜେଡ଼ି ?

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ବିଜେଡି ଘର ସ୍ଥିତି ଦିନକୁ ଦିନ ବିଗୁଡୁଥିବାବେଳେ ନବୀନ କେମିତି ସଂଗଠନକୁ ସୁଦୃଢ କରି ରଖିପାରୁଛନ୍ତି ତାଉପରେ ନଜର। ସତରେ ଭାଙ୍ଗିଯିବ କି ବିଜେଡି ? ନିର୍ବାଚନ ବିପର୍ଯ୍ୟୟ ପରଠୁ ଜଣକ ପରେ ଜଣେ ବିଜେଡି ସାଂସଦ ଦଳର ହାତ ଛାଡ଼ିବା, ଜଣଙ୍କ ପରେ ଜଣେ ନେତା ବିସ୍ଫୋରଣ ମୁଦ୍ରାକୁ ଆସିବା ପରେ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ ହଇଚଇ। ଜୟନାରାୟଣ ଖାଲି ବିଜେଡି ଛିନଛତ୍ର ହେବା କହି ନାହାନ୍ତି, ତା 'ହିତ ବିଜେଡିର ବହୁ ନେତା ବିଜେପି ଯୋଗାଯୋଗରେ ଥିବା କଥା ଦୋହରାଇ ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛନ୍ତି। ସେ ଆହୁରି କହିଛନ୍ତି, ବିଜେପିକୁ ଆସିବାକୁ ଚାହୁଁଥିବା ଦୁର୍ନୀତିମୁକ୍ତଙ୍କ କଥା ଦଳ ବିଚାର କରିବ। ବିଜେଡି, ନେତାଙ୍କୁ ଚାକର ଭଳି ରଖିଥିଲା, ଆଉ ପରାଜୟ ପରେ ସେମାନେ ଏବେ ରିଭେଞ୍ଜ୍ ମୁଡରେ। ଏଥିସହ ବିଜେଡି ପାଖରେ ଆଉ ନେତୃତ୍ୱ ନାହିଁ ବୋଲି ବି କହିଛନ୍ତି ଜୟନାରାୟଣ। ଏପଟେ ବିଜେଡି ଭାଙ୍ଗିଯିବା ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ବୟାନ। ମୋକିମ୍ କହିଛନ୍ତି, ବହୁ ବିଜେଡି ନେତା କଂଗ୍ରେସ ସହ ବି ଯୋଗାଯୋଗରେ ଅଛନ୍ତି। ପିସିସି ସଭାପତିଙ୍କ ନାଁ ଘୋଷଣା ହେବା ପରେ ବିଜେଡି ଓ

## ଥୁଲଥୁଲି ଏନକାଉଣ୍ଟର ଘଟଣା: ନକ୍ସଲଙ୍କ ମୃତ୍ୟୁ ସଂଖ୍ୟା ୩୮କୁ ବୃଦ୍ଧି

ମାଲକାନଗିରି, ୧୮/୧୦ (ନି.ପ୍ର): ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଏବଂ ଦନ୍ତେୱାଡା ସୀମାନ୍ତବର୍ତ୍ତୀ ଥୁଲଥୁଲି ଜଂଗଲରେ ଗତ ୪ ତାରିଖରେ ଘଟିଥିବା ଏନକାଉଣ୍ଟରରେ ପୁଲିସ ୩୧ ଜଣଙ୍କର ଶବ ଉଦ୍ଧାର କରିଥିବା ବେଳେ ପରେ ନକ୍ସଲ ସଂଗଠନ ପକ୍ଷରୁ ୩୫ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏବେ ପୁଣି ସଂଗଠନ ପକ୍ଷରୁ ୩୮ ଜଣଙ୍କ ମୃତ୍ୟୁ ନେଇ କରିଥିବା ସୂଚନା ପ୍ରଦାନ କରାଯାଇଛି। ଏମାନଙ୍କ ନାମରେ ୨ କୋଟି ୬୨ ଲକ୍ଷ ଟଂକାର ପୁରସ୍କାର ରାଶି ରହିଥିଲା। ଏଥିସହ ୨୫୦ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବା ପୁଲିସ କହିଛି। ଛତିଶଗଡ଼ର ବସ୍ତର ଡିଭିଜନ, ପିଏଲଜିଏ କମ୍ପାନି-୬, ଇନ୍ଦ୍ରାବତୀ ଏରିଆ କମିଟି, ପ୍ଲାଟୁନ ନମ୍ବର ୧୬ ଭଳି ସଂଗଠନର କ୍ୟାଡର ନକ୍ସଲମାନଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ମୃତ ନକ୍ସଲ ମଧ୍ୟରୁ ଜଣେ ଡିକେଏସଜେଡସିର ସଦସ୍ୟା, ଜଣେ ସ୍ପିାଇଏପିସିର କମାଣ୍ଡର,୪ ଜଣ ଡିଭିସିଏମ, ୧୮ ଜଣ ପିଏଲଜିଏ କମ୍ପାନି ନମ୍ବର ୬ର ସଦସ୍ୟ, ୨ ଜଣ ଡିକେଏସଜେଡସିର ଗାର୍ଡ, ୯ ଜଣ ଏରିଆ କମିଟି ସଦସ୍ୟ, ଜଣେ ଏରିଆ କମଟିର ପାର୍ଟି ସଦସ୍ୟ, ୨ ଜଣ ଜନ ମିଲିସିଆ। ପୁଲିସ ଉଦ୍ଧାର କରିଥିବା ୩୧ ଜଣ ଶବ ମଧ୍ୟରୁ ୨୯ ଜଣଙ୍କର ▶▶ପୃଷ୍ଠା ୭

## ୨୮ ମାସ ପରେ ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ



ନୂଆଦିଲ୍ଲୀ, ୧୮/୧୦ : ଦୀର୍ଘ ୨୮ ମାସ ହେଲା ଜେଲରେ ଥିବା ଆପର ବରିଷ୍ଠ ତଥା ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଛି ଜାମିନ। ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଇଡି ଗୋଟିଏ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରି ଜେଲ ପଠାଇଥିଲା। ଜାମିନ ପ୍ରଦାନ କରିବା ବେଳେ କୋର୍ଟ ଜୈନଙ୍କୁ ଦୀର୍ଘ ଦିନ ହେଲା ଜେଲରେ ଅଟକ ରଖାଯିବା କଥା ଉଠାଇଥିଲେ। ଏଥିସହ ଅନ୍ୟତମ ଆପ୍ ନେତା ମନୀଷ ସିସୋଦିଆଙ୍କୁ ଜାମିନ ଦେବା ବେଳେ ସୁପ୍ରିମକୋର୍ଟ କହିଥିବା କଥାକୁ ମଧ ତଳ କୋର୍ଟ ଦୋହରାଇଛନ୍ତି। ମାମଲାର ଦ୍ରୁତ ଶୁଣାଣି ମୌଳିକ ଅଧିକାର ମଧ୍ୟରେ ଆସୁଛି ବୋଲି କୋର୍ଟ କହିଛନ୍ତି। ଜୈନଙ୍କୁ ୨୦୨୨ ମସିହା ମେ' ୩୦ ତାରିଖରେ ଇଡି ଜୈନଙ୍କୁ ଗିରଫ କରିଥିଲା। ତାଙ୍କ ସହ ଜଡ଼ିତ ୪ କମ୍ପାନୀ ଜରିଆରେ ସେ ବେଆଇନ ଭାବେ ଟଙ୍କା ହେରଫେର କରିଥିବା ଅଭିଯୋଗରେ ଇଡି ଏପରି ପଦକ୍ଷେପ ନେଇଥିଲା। ଗିରଫ ପରଠାରୁ ସତ୍ୟେନ୍ଦ୍ର ଜୈନ ବାରମ୍ବାର ଜାମିନ ଆବେନ କରୁଥିଲେ ହେଁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ▶▶ପୃଷ୍ଠା ୭

## ବର୍ଷାରେ ଭିଜିବ ଓଡ଼ିଶା: ୨୩ରୁ ତିନିଦିନ ଯାଏ ପ୍ରବଳ ବର୍ଷିବ



ଭୁବନେଶ୍ୱର, ୧୮/୧୦ (ନି.ପ୍ର): ପୁଣି ବର୍ଷିବ। ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା। ଉପକୂଳ ଓଡ଼ିଶା ସହ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବ। ଆସନ୍ତା ୨୦ ତାରିଖରେ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଆହୁରି ତୀବ୍ର ବା ଘନୀଭୂତ ହେବ । ଲଘୁଚାପ ସୃଷ୍ଟି ପରେ ଚିତ୍ର ଆହୁରି ସ୍ପଷ୍ଟ ହେବ। ଘୁଚାପ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଥିଲେ ବି ଏହା ଅବପାତ ହେବ ନା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବ ସେନେଇ ଦେଖାଦେଇଛି ସସପେନସ । ବାତ୍ୟା ସନ୍ଦେହ ଏଥିପାଇଁ ଉପୁଜିଛି, କାହିଁକି ନା କିଛି ବିଦେଶୀ ମଡେଲ୍ ଘୂର୍ଣ୍ଣିବଳୟ ପରେ ବାତ୍ୟା ରୂପ ନେବ ବୋଲି ଆକଳନ କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ବାତ୍ୟା ଉପରେ କୌଣସି ଆକଳନ କରାଯାଇନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ▶▶ପୃଷ୍ଠା ୭

## ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ




ମୁମ୍ବାଇ, ୧୮/୧୦: ମୁମ୍ବାଇରେ ଆୟୋଜିତ ନିବେଶକ ସମ୍ମିଳନୀରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ଆଜି ସେ ବିଶିଷ୍ଟ ଶିଳ୍ପପତି ତଥା ଔଝଡ ମୁଖ୍ୟ ସଜ୍ଜନ ଜିନ୍ଦଲ ଓ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି। ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ସୋଶାଲ୍ ମିଡ଼ିଆରେ ଲେଖିଛନ୍ତି, ଓଡ଼ିଶାରେ ରଠ, ଲିଥିୟମ୍ ଆୟନ ବ୍ୟାଟେରି ଓ ୩୨ ଗଞ୍ଜଚଇ ଇସ୍ପାତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ। ଏହାଦ୍ୱାରା ଇସ୍ପାତ, ରଠ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବା ସହ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି। ଅନୀଲ ଅଗ୍ରୱାଲଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ମୁମ୍ବାଇଠାରେ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କୁ ସାକ୍ଷାତ କରି ରାଜ୍ୟରେ ବେଦାନ୍ତ ଆଲୁମିନିୟମର ସଂପ୍ରସାରଣ ଓ ନିବେଶ ସମ୍ପର୍କରେ ବିସ୍ତୃତ ଆଲୋଚନା କଲି। ରାଜ୍ୟରେ ବହୁତ ଶୀଘ୍ର 'ଉତ୍କର୍ଷ ଓଡ଼ିଶା ସମ୍ମିଳନୀ' ଆୟୋଜନ କରାଯିବ। ନିବେଶ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ସହିତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ 'ପୂର୍ବୋଦୟ ବିକାଶ'ର କେନ୍ଦ୍ରବିନ୍ଦୁ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଢରେ ଲେଖିଛନ୍ତି।

## ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ: ଉପକୃତ ହେବେ ସାଢ଼େ ୩ କୋଟି ଲୋକ



ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଓଡ଼ିଶାରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା । ଚଳିତ ଆର୍ଥିକ ବର୍ଷରେ ହିଁ ଆମ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ଢଞ୍ଜଠକୁ ସୂଚନା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ନୂଆ ସରକାର ଆମ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପାଇଁ ଘୋଷଣା କରିସାରିଛନ୍ତି। କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଓ ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଜାରି ହେବ। ଆକଳନ ଅନୁସାରେ ଉଭୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ। ଆୟୁଷ୍ମାନ ଭାରତ ଭଳି ଆମ ରାଜ୍ୟର ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମଧ୍ୟ ଏହି କାର୍ଡରେ ସ୍ୱାସ୍ଥ୍ୟ ବୀମାର ସୁବିଧା ପାଇବେ। ଏବେ ରାସନ୍ କାର୍ଡ ର-କଣଉ ଚାଲିଛି। ଏହା ସରିବା ପରେ ରାଜ୍ୟର କେତେ ସଂଖ୍ୟକ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏହି ସ୍ୱାସ୍ଥ୍ୟ ବୀମା ▶▶ପୃଷ୍ଠା ୭

## ବାଲ୍ୟ ବିବାହକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ: ଜାରି କଲେ ଗାଇଡଲାଇନ୍



ନୂଆଦିଲ୍ଲୀ, ୧୮/୧୦ : ଦେଶରେ ହେଉଥିବା ବାଲ୍ୟ ବିବାହକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ। ଏହି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ଗାଇଡଲାଇନ୍ ଜାରି କରିଛନ୍ତି। ଶୁକ୍ରବାର ଦିନ ସୁପ୍ରିମକୋର୍ଟ ବାଲ୍ୟ ବିବାହକୁ ନେଇ ଦୃଢ଼ ମନ୍ତବ୍ୟ ଦେଇ କହିଛନ୍ତି ଯେ ବ୍ୟକ୍ତିଗତ ବିବାହ ଆଇନ ଜରିଆରେ ଶିଶୁ ବିବାହ ନିଷେଧ ଆଇନକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ପିଲାମାନଙ୍କ ସହ ଜଡ଼ିତ ବିବାହ ହେଉଛି ନିଜ ପସନ୍ଦର ଜୀବନ ସାଥୀ ବାଛିବା ପାଇଁ ସ୍ୱତନ୍ତ୍ର ଇଚ୍ଛାଶକ୍ତିର ଉଲ୍ଲଂଘନ। ଏହାଦ୍ୱାରା ସେମାନଙ୍କ ପସନ୍ଦର ଜୀବନ ସାଥୀ ବାଛିବା ବିକଳ୍ପ ଶେଷ ହୋଇଯାଏ। ଏକ ଏନଜିଓ ଦ୍ୱାରା ଦାଖଲ କରାଯାଇଥିବା ପିଟିସନରେ ଅଭିଯୋଗ ହୋଇଥିଲା ଯେ ରାଜ୍ୟ ସ୍ତରରେ ଶିଶୁ ବିବାହ ନିଷେଧ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ, ଯେଉଁଥିପାଇଁ ବାଲ୍ୟ ବିବାହ ମାମଲା ବଢ଼ିବାରେ ଲାଗିଛି। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଭାରତରେ ବାଲ୍ୟ ବିବାହ ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୁଡ୍, ଜଷ୍ଟିସ ଜେ.ବି ପରଦୀୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରଙ୍କ ବେଞ୍ଚ ଗାଇଡ୍ଲାଇନ୍ ଜାରି କରିଛନ୍ତି। ବାଲ୍ୟ ବିବାହ ଉପରେ ଗାଇଡଲାଇନ୍ ଜାରି କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ବାପା-ମା'ଙ୍କ ଦ୍ୱାରା ନିଜର ନାବାଳକ ପୁଅ-ଝିଅଙ୍କର ବିବାହ କରାଇବା ପାଇଁ ନିର୍ବନ୍ଧ କରିଦିଆ ଯାଏ। ଏଭଳି କରିବା ସେମାନଙ୍କ ଜୀବନ ସାଥୀ ବାଛିବା ପାଇଁ ଥିବା ସ୍ୱାଧୀନ ଇଚ୍ଛାଶକ୍ତିର ଉଲ୍ଲଂଘନ ଅଟେ।' ଶୁଣାଣି ସମୟରେ କୋର୍ଟ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସହ କଥାବାର୍ତ୍ତା କରିବାକୁ କହିଛନ୍ତି ଏବଂ ବାଲ୍ୟ ବିବାହ ଉପରେ ନିଷେଧାଦେଶ ଲାଗୁ କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହା ମଧ୍ୟ ଜଣାଇବାକୁ କହିଛନ୍ତି। ବାଲ୍ୟ ବିବାହକୁ ରୋକିବା ଏବଂ ସମାଜରୁ ଏହାକୁ ମୂଳପୋଛ ସୁନିଶ୍ଚିତ କରିବା ପାଇଁ ବାଲ୍ୟ ବିବାହ ଆଇନ ୨୦୦୬ ପ୍ରଣୟନ କରାଯାଇଥିଲା।କର୍ତ୍ତୃପକ୍ଷ ଶିଶୁ ବିବାହ ରୋକିବା ଏବଂ ନାବାଳିକାଙ୍କ ସୁରକ୍ଷା ଉପରେ ଧ୍ୟାନ ଦେବା ଉଚିତ। ▶▶ପୃଷ୍ଠା ୭

## ଘରୋଇ ଡାକ୍ତରଖାନା ବିରୋଧରେ ଅଙ୍ଗ ଚୋରି ଅଭିଯୋଗ




କଟକ, ୧୮/୧୦ (ନି.ପ୍ର): ଦିଲ୍ଲୀ, ମୁମ୍ବାଇ ଭଳି ମେଟ୍ରୋ ସିଟିରେ ଥିବା କିଛି ଡାକ୍ତରଖାନାରେ ରୋଗୀଙ୍କ ଶରୀରରୁ ଅଙ୍ଗ ଚୋରି ନେଇ ଖବର ଗଣମାଧ୍ୟମରେ ଅନେକ ଥର ଆସିଛି। କିନ୍ତୁ ଓଡ଼ିଶାରେ ଏହି ଭଳି ଖବର ନୂଆ ଲାଗୁଛି। କଟକର ଏକ ଘରୋଇ ଡାକ୍ତରଖାନା ନାମରେ ଅଙ୍ଗ ଚୋରି ନେଇ ଅଭିଯୋଗ ଆସିଛି। ଗଣମାଧ୍ୟମରେ ଏନେଇ ଘନଘନ ଖବର ପ୍ରକାଶ ପାଇଲା ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅଭିଯୋଗ ଆସିଥିବା ▶▶ପୃଷ୍ଠା ୭

# ଆୟୁଷ୍ମାନ ଆରୋଗ୍ୟ ଶିବିର ସଠିକ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ

ଗଂଜାମ, ୧୮/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ପାଇଁ ପ୍ରତ୍ୟକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଡାକ୍ତରଖାନା ଅଂଚଳରେ ଆୟୁଷ୍ମାନ ଆରୋଗ୍ୟ ଶିବିର ନାମରେ ସ୍ୱାସ୍ଥ୍ୟ ମେଳା ପ୍ରତ୍ୟକ ମାସରେ କରିବାକୁ ଯୋଜନା କରାଯାଉଛି । ଏଥିରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସଚେତନତା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ତଥା ହସପିଟାଲ ପ୍ରତି ଲୋକ ମାନଙ୍କ ଆଗ୍ରହ ସୃଷ୍ଟି କରିବା ଏହି ମେଳାର ମୂଖ୍ୟ ଉଦ୍ଦେଶ୍ୟ ଅଟେ। ଏଥିରେ ସ୍ଥାନୀୟ ଅଂଚଳର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଅଂଗନବାଡି କର୍ମୀ, ଆଶା କର୍ମୀ ଓ ଗଣମାଧମ ପ୍ରତିନିଧିଙ୍କୁ ସାମିଲ କରି ଜନସଚେତନା ସୃଷ୍ଟି କରି ମେଳାକୁ ଅଧିକ ଜନସମାଗମ କରି ସ୍ୱାସ୍ଥ୍ୟ ସଚେତନତା ସହ ସ୍ୱାସ୍ଥ୍ୟ ସେବା ଯୋଗାଇବା, ମେଳାର ମୂଖ୍ୟ ଉଦ୍ଦେଶ୍ୟ । ମେଳା ପାଇଁ ଆନୁସଂଗୀକ ଖର୍ଚ୍ଚ ପାଇଁ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ତେବେ ଶେରଗଡ ସିଏଚସି ଅଂଚଳରେ ଗତ ଅଗଷ୍ଟ ମାସରୁ ଏହି ମେଳା ଆରମ୍ଭ ହୋଇଛି । କେବଳ ଲୋକ ଦେଖାଣିଆ ଭାବେ ମେଳାଦିନ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ଫଟୋ ଉଠାଇ ଦାୟିତ୍ୱରେ ଥିବା ଅଧିକାରୀମାନେ କାର୍ଯ୍ୟ ସଂପାଦନ କରୁଥିବା ଅଭିଯୋଗ ହେଉଛି । ଫଳରେ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଶିବିର ନରର୍ଥକ ମନେ ହେଉଛି । ଗଂଜାମ ଜିଲା ସିଡିଏମଓ ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

# କାର୍ତ୍ତିକ ମାସ ଆରମ୍ଭରୁ ପନିପରିବା ଦରରେ ନିଆଁ

କେନ୍ଦୁଝର/ଘଟଗାଁ, ୧୮/୧୦ (ନି.ପ୍ର): କାର୍ତିକ ମାସ ଆରମ୍ଭରୁ ପନିପରିବା ଦର ଆକାଶ ଛୁଆଁ, ଖାଉଟି ମାନଙ୍କୁ ବିବ୍ରତ କରିଛି । କାର୍ତିକ ମାସରେ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ପ୍ରାୟ ଆମିଷ ପରିତ୍ୟାଗ କରି ପନିପରିବା ଓ ସାଧା ଭୋଜନକୁ ଆପଣେଇ ଥାନ୍ତି । ତେଣୁ କାର୍ତିକ ମାସରେ ପନିପରିବା ଉପରେ ପ୍ରାୟ ଅଧିକ ଲୋକ ନିର୍ଭରଶିଳ ହୋଇଥାନ୍ତି । ଏହି ଦୃଷ୍ଟିରେ ପନିପରିବାର ଆବଶ୍ୟକତା ଅଧିକ ଥାଏ । ଏବଂ ଏହାର ସୁଯୋଗ ନେଇ ପନିପରିବା ବିକ୍ରେତା ମାନେ ମଧ ପରିବା ଦରକୁ ନିଜ ଇଛା ମୁତାବକ ବିକ୍ରି କରୁଥିବାର ଅଭିଯୋଗ ହୋଇଛି । ଦର ନିୟନ୍ତ୍ରଣ ଉପରେ କଡା କଟକଣା ମଧ ନାହିଁ । ଯାହା ଫଳରେ ବ୍ୟବସାୟଙ୍କ ଦ୍ୱାରା ଦର ବୃଦ୍ଧି ଘଟୁଥିବାର ମଧ ଆଲୋଚିତ ହେଉଛି । ବର୍ତମାନ ଖୋଲା ପନିପରିବା ବଜାରରେ ବିଲାତି କିଲୋ ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ରୁମାଛୁଇଁ ୧୦୦ ଟଙ୍କା, ବାଇଗଣ, କାକୁଡି, ପୋଟଳ, ଭେଣ୍ଡି, ୭୦ରୁ ୮୦ଟଙ୍କା, କୁନ୍ଦୁରି ୬୦ ଟଙ୍କା, ଫୁଲକୋବି ୧୨୦ ଟଙ୍କା ମୋଟା ମୋଟି ଭାବେ କୌଣସି ପରିବା ର ଦର ୭୦ ଟଙ୍କା ତଳକୁ ନାହିଁ।

# କୃଷକମାନଙ୍କୁ ଅତ୍ୟାଧୁନିକ କୃଷି ନିମନ୍ତେ ସକ୍ଷମ କରିବା ଲକ୍ଷ୍ୟରେ ସୋଆ ଏବଂ ହାଇଡେନ୍‌ମେଟ ସଲ୍ୟୁସନ୍ସ ମଧ୍ୟରେ ବୁଝାମଣା

ଭୁବନେଶ୍ୱର , ୧୮/୧୦ (ନି.ପ୍ର):କୃଷି କ୍ଷେତ୍ରରେ ଜ୍ଞାନ ଆହରଣ ଏବଂ କୃଷକମାନଙ୍କୁ ସହଜରେ କୃଷି ସମ୍ପର୍କିତ ତଥ୍ୟ ପ୍ରଦାନ କରିବା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ବେଙ୍ଗାଲୁରୁ ସ୍ଥିତ ହାଇଡେନ୍‌ମେଟ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ମଞ୍ଜି ବୁଣିବା ଠାରୁ ଆରମ୍ଭ କରି ଫସଲ ଅମଳ, ଫସଲର ପ୍ରକୃତ ସ୍ଥିତିର ତଦାରଖ ସହ ଜଳ ଓ ପୋଷଣର ନିଅଂଟ, ତଥା ରୋଗ ନିୟନ୍ତ୍ରଣ ସହ ଫସଲକୁ କୀଟ ଆକ୍ରମଣରୁ ରକ୍ଷା କରି ଉନ୍ନତମାନର ଫସଲ ଅମଳ କରିବାର ଜ୍ଞାନ ପ୍ରଦାନ କରିବା ହେଉଛି ଦୁଇ ଅନୁଷ୍ଠାନ ମଧ୍ୟରେ ଏହି ସହଭାଗିତାର ପ୍ରମୁଖ ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଦୁଇ ଅନୁଷ୍ଠାନ ମଧ୍ୟରେ ମିଳିତ ଭାବେ ଗବେଷଣା ଏବଂ କର୍ମଶାଳା ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ହାଇଡେନ୍‌ମେଟ ସଲ୍ୟୁସନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଭାସ୍କରନ୍ ରଙ୍ଗରାଜନଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ବୁଝାମଣା ଅନୁଯାୟୀ ହାଇଡେନ୍‌ମେଟ ସଲ୍ୟୁସନ୍ସ ସୋଆରେ ଏକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରିବା ସହ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀର ଫସଲ କିମ୍ବା ମୃତିକା ଇନ୍‌ଟରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ସେନ୍ସର୍ ମଧ୍ୟ ସ୍ଥାପନ କରିବ । ଏହିସବୁକୁ ହାଇଡେନ୍‌ମେଟ ସଲ୍ୟୁସନ୍ସର ସ୍ମାର୍ଟ ଟେକ୍ନୋଲୋଜି -ବେସ୍‌ଡ ଏଗ୍ରିକଲ୍‌ଚର ଏନାବ୍ଲର୍ (ଷ୍ଟେଜ୍) ପ୍ଲାଟଫର୍ମ ତଦାରଖ କରିବ । ଆବଶ୍ୟକତା ଅନୁଯାୟୀ ହାଇଡେନ୍‌ମେଟ ବୈଷୟିକ ମାନବ ସମ୍ବଳ ଏବଂ ଅନ୍ୟ ସୁବିଧା ମଧ୍ୟ ଯୋଗାଇବ । ଏତଦ୍ ବ୍ୟତୀତ ସୋଆର ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀମାନେ ହାଇଡେନ୍‌ମେଟ ସଲ୍ୟୁସନ୍ସର ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବା ସହ ପ୍ରଶିକ୍ଷଣ ପାଇପାରିବେ । ଉଭୟ ଅନୁଷ୍ଠାନ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ୍ (ଏଫପିଓ) ଗୁଡ଼ିକ ସହ ମିଳିତ ଭାବେ ରାଜ୍ୟର କୃଷକ ସମାଜର ଉନ୍ନତି ନିମନ୍ତେ କାର୍ଯ୍ୟ କରିବେ । ଏହି ବୁଝାମଣା ସ୍ୱାକ୍ଷରିତ କରିବା କ୍ଷେତ୍ରରେ ହାଇଡେନ୍‌ମେଟ ସଲ୍ୟୁସନ୍ସର ସହପ୍ରତିଷ୍ଠାତା ତଥା ମୁଖ୍ୟ ବ୍ୟବସାୟିକ ଅଧିକାରୀ ଶ୍ରୀମତି ଗିରିଜା ପଟେଲ୍‌ଙ୍କର ପ୍ରମୁଖ ଭୂମିକା ରହିଥିଲା । ଏହି ଅବସରରେ ହାଇଡେନ୍‌ମେଟ ସଲ୍ୟୁସନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଜୀବନ ସଂଗ୍ରାମ ଦାସ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚରର ନିର୍ଦ୍ଦେଶକ ପ୍ରଫେସର ଆର.କେ. ପଣ୍ଡା ଓ ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ ।

# ସମାଜସେବୀଙ୍କ ଦେହାନ୍ତ

କନ୍ଧମାଳ, ୧୮/୧୦ (ନି.ପ୍ର): ଫୁଲବାଣୀ ସହରର ସମାଜ ସେବା ଓ ଧର୍ମ ପରାୟଣ ବ୍ୟକ୍ତି ବାବୁଲି ବାଘଙ୍କର ହଠାତ୍ ଅସୁସ୍ଥ ହୋଇ ତାଙ୍କର ଦେହାନ୍ତ ଘଟିଛି। ତାଙ୍କ ଅକାଳ ବିୟୋଗରେ ଜିଲ୍ଲାର ଘୁ ଉଦୟଗିରି, ଟିକାବାଲି, ଫୁଲବାଣୀ ସହରରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ବାବୁଲି ବାଘ ବିଭିନ୍ନ ସମୟରେ ଅସହାୟ ଲୋକଙ୍କୁ ନିଜେ ରକ୍ତଦାନ କରିବା ସହିତ ଡାକ୍ତରଖାନାରେ ରୋଗୀଙ୍କ ସେବାରେ ସମୟ ଦେବା ଓ ସହାୟତା ପ୍ରଦାନ କରୁଥିଲେ । ଗୁରୁବାର ରାତି ୧୨ଟା ସମୟରେ ବିଶାଖାପାଟଣା ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଦେହାନ୍ତ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ତାଙ୍କ ନିଜ ଘର କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବ୍ଲକ ଅନ୍ତର୍ଗତ ଜବେଡି ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହେବ। ସେ ୨୫ ବର୍ଷରୁ ଅଧିକ ସମୟ ଧରି କସମ୍ ସଂସ୍ଥା ରେ ଜଣେ ଡ୍ରାଇଭର ଭାବରେ କାର୍ଯ୍ୟ କରି ଆସୁଥିଲେ । ଜିଲ୍ଲାର କୋଣ ଅନୁକୋଣରେ ପରିଚିତ ବାବୁଲି ବାଘ୍ ଶାନ୍ତ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ବିୟୋଗରେ ତାଙ୍କ ପରିବାର ବର୍ଗଙ୍କ ସମେତ ଫୁଲବାଣୀରେ ବନ୍ଧୁ ବର୍ଗଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ମୟୂରଭଞ୍ଜରେ ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ୨୦୨୪ ଶୁଭ ଉନ୍ମୋଚନ

ବାରିପଦା , ୧୮/୧୦ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ନେଇ ସପ୍ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଭାରତୀ ହାଁସଦାଙ୍କ ସଭାପତିତ୍ୱରେ ଉକ୍ତ ବୈଠକ ଆୟୋଜନ କରଯାଇଥିଲା ।




ଶ୍ରୀଯୁକ୍ତ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ ଗୃହ ଓ ନଗର ଉନ୍ନୟନ ଓ ସାର୍ବଜନୀନ ଉଦ୍ୟୋଗ, ଓଡିଶା, ଶ୍ରୀଯୁକ୍ତ ନବ ଚରଣ ମାଝୀ, ମାନ୍ୟବର ସାଂସଦ ଲୋକସଭା, ମୟୂରଭଞ୍ଜ, ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ସାଂସଦ ଲୋକସଭା, ବାଲେଶ୍ୱର, ସୁଶ୍ରୀ ଅଞ୍ଜଳି ମୁର୍ମୁ, ମାନ୍ୟବର ବିଧାୟିକା, ବାଙ୍ଗିରିପୋଷି, ଶ୍ରୀଯୁକ୍ତ ପ୍ରକାଶ ସୋରେନ, ମାନ୍ୟବର ବିଧାୟକ, ବାରିପଦା, ଶ୍ରୀଯୁକ୍ତ ସନାତନ ବିଜୁଳି, ମାନ୍ୟବର ବିଧାୟକ, ବଡସାହି, ଶ୍ରୀଯୁକ୍ତ ଭାସ୍କର ମଢେଇ, ମାନ୍ୟବର ବିଧାୟକ, ଉଦଳା, ଶ୍ରୀଯୁକ୍ତ ପଦ୍ମଚରଣ ହାଇବୁରୁ, ମାନ୍ୟବର ବିଧାୟକ, କରଞ୍ଜିଆ, ଶ୍ରୀଯୁକ୍ତ ଭାଦବ ହାଁସଦା, ମାନ୍ୟବର ବିଧାୟକ, ସାରସକଣା, ଶ୍ରୀଯୁକ୍ତ ହେମକାନ୍ତ ସୟ, ଜିଲ୍ଲାପାଳ, ମୟୂରଭଞ୍ଜ ଓ ରଜନୀକାନ୍ତ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ମୟୂରଭଞ୍ଜ ଉପସ୍ଥିତ ଥିଲେ । ଜିଲ୍ଲାପାଳ ବୈଠକର ଆଭିମୁଖ୍ୟ ଆଲୋକପାତ କରିବା ସହିତ ରାଜ୍ୟ ସରକାରଙ୍କର ତରଫରୁ ଶିକ୍ଷା ବିଭାଗର ନିପୁଣ ଓଡିଶା ମିଶନର ଆଭିମୁଖ୍ୟ ଆଲୋକପାତ କରିଥିଲେ । ଏହାପରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ସରକାରଙ୍କର ବିଭିନ୍ନ ଜନହିତକାରୀ ଯୋଜନାମାନ ଆଲୋଚନା କରିବା ସହିତ ଶିକ୍ଷା ବିଭାଗର ଏହି ମିଶନ ତରଫରୁ ହେବାକୁ ଥିବା ନିପୁଣ ଓଡିଶା ମିଶନ ବିଷୟରେ ସମସ୍ତଙ୍କୁ ଦୃଷ୍ଟି ଗୋଚର କରିଥିଲେ । ପରେ ସଭାପତି ମହୋଦୟା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ ନିପୁଣ ଓଡିଶାର ମୁଖ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ବିଷୟରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିପୁଣ ଓଡିଶାର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇ କହିଥିଲେ ଯେ ନିପୁଣ ଅର୍ଥ – ପିଲାଙ୍କ ବୋଧଜ୍ଞାନ ସହିତ ପଢିବା ଏବଂ ସଂଖ୍ୟା ଜ୍ଞାନ ହାସଲ ନିମନ୍ତେ ଜାତୀୟ ପଦକ୍ଷେପ । ଏହା ଏକ ଜାତୀୟ ମିଶନ ଯାହା ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ୫ ଜୁଲାଇ ୨୦୨୧ରେ ଆରମ୍ଭ ଏବଂ ଓଡିଶାରେ ପବିତ୍ର ଗୁରୁଦିବସ ଦିନ ରାଜ୍ୟସ୍ତରରେ ୫ ସେପଟ୍ଟେମ୍ବର ୨୦୨୪ରେ ନିପୁଣ ଓଡିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା, ଯାହାର ଉଦ୍ଦେଶ୍ୟ ପ୍ରତ୍ୟେକ ପିଲା (ପ୍ରଥମ ରୁ ତୃତୀୟ ଶ୍ରେଣୀ) ୨୦୨୬-୨୭ ସୁଦ୍ଧା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିବେ । ଅର୍ଥାତ ବୟସ ଅନୁସାରେ ପିଲାମାନେ ସହଜରେ ପଢିବେ (ପଢି କରି ବୁଝିବେ), ଲେଖିବେ, ଗଣିତ କରିବେ ଓ ଦୈନନ୍ଦିନ ଜୀବନ ସମସ୍ୟାରେ ସମାଧାନ କରିବେ । ପରେ ପରେ ସମସ୍ତ ଅତିଥିବୃନ୍ଦ ଓ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟାଙ୍କ ଦ୍ୱାରା ନିପୁଣ ଓଡିଶାର ଲୋଗୋ, ବୁକଲେଟ ସଙ୍ଗୀତ ଉନ୍ମୋଚନ କରିଥିଲେ ଓ ଏହି କାର୍ଯ୍ୟକ୍ରମଟିକୁ ବ୍ଲକସ୍ତରରେ ଚଳିତ ମାସରେ ଶେଷ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ।

# ପୁନର୍ବାସ ପକ୍ଷରୁ ଯୁବ ଭିନ୍ନକ୍ଷମ ଉଦ୍ୟୋଗୀମାନଙ୍କୁ କମ୍ପୁଟର ପ୍ରଦାନ

କେନ୍ଦ୍ରାପଡ଼ା, ୧୮/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୁନର୍ବାସ ପକ୍ଷରୁ ଛୋଟ ଛୋଟ ଉଦ୍ୟୋଗ କରି ନିଜ ନିଜକୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ ଜାରି ରଖିଥିବା ଚାରି ଜଣ ଯୁବ ଭିନ୍ନକ୍ଷମ ଉଦ୍ୟୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପ୍ୟୁଟର ଓ ସହାୟକ ଉପକରଣ ପ୍ରଦାନ କରାଯାଇଛି । କୌଣସି କାରଣ ବଶତଃ ଦୁର୍ଘଟଣାଗ୍ରସ୍ତ ହୋଇ ଅଥବା ଜନ୍ମରୁ ଭିନ୍ନକ୍ଷମତାର ଶିକାର ହୋଇଥିବା ପଲ୍ଲୀ ରଘୁନାଥପୁରର ସଚିକାନ୍ତ ମଲ୍ଲିକ, ହରିଅଙ୍କର ବଳରାମ ସ୍ୱାଇଁ, କେନ୍ଦ୍ରାପଡା ସହର ଦିଲଓ୍ୱାରପୁର ର ସୟଦ ଅଲ୍ଲୀ ଓ ମାର୍ଶାଘାଇ ଆଠବାଟିଆର ଅର୍ଜୁନ କୁମାର ନାୟକଙ୍କୁ ସମ୍ମାନ ଜନକ ଆତ୍ମ ନିର୍ଭରଶୀଳ ଜୀବନ ନିର୍ବାହ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଛି। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଙ୍କ ସ ।ଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଅର୍ବାନ୍ କୋ ଅପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପ ଆରକ୍ଷୀ ଅଧିକ୍ଷକ ଶାନ୍ତା ନୂତନ ସମଦ, ବିଶିଷ୍ଟ ସମାଜସେବୀ ଗାୟତ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ମଧ୍ୟରେ ଦୃଢ ମନୋବଳ ସେମାନଙ୍କୁ କେବଳ ସଫଳ କରାଇବାରେ ସମର୍ଥ କରି ନଥାଏ ବରଂ ଅନ୍ୟ ମାନଙ୍କ ପାଇଁ ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲାର ଏହିପରି ଭିନ୍ନକ୍ଷମ ଯୁବ ଉଦ୍ୟୋଗୀ ମାନଙ୍କୁ ଅର୍ବାନ ବ୍ୟାଙ୍କ୍ ତରଫରୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବାକୁ ଶ୍ରୀ ରାଉତରାୟ ମୁଖ୍ୟ ଅତିଥିଙ୍କୁ ଅନୁରୋଧ କରିଥିଲେ । ବ୍ୟାଙ୍କ ଏ ଦିଗରେ ସହୃଦୟତାର ସହ ବିଚାର କରି ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରୟାସ କରିବ ବୋଲି ଶ୍ରୀଯୁକ୍ତ ମହାନ୍ତି ଆଶ୍ୱାସନା ପ୍ରଦାନ କରିଥିଲେ।

# ଯୁବା ସଙ୍ଗମ ପଂଚମ ଚରଣ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ୪୫ ଜଣ ଓଡ଼ିଆ ଛାତ୍ରଛାତ୍ରୀଙ୍କ ମହାରାଷ୍ଟ୍ର ଗସ୍ତର ଆୟୋଜନ କରାଯାଉଛି

ଭୁବନେଶ୍ୱର , ୧୮/୧୦ (ନି.ପ୍ର): ଯୁବା ସଙ୍ଗମର ପଂଚମ ଚରଣ ର ଅଂଶ ଭାବରେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଆଗାମୀ ଡିସେମ୍ବର ୨୦୨୪ରେ ମହାରାଷ୍ଟ୍ରକୁ ଓଡିଶାର ଛାତ୍ରଛାତ୍ରୀଙ୍କ ଗସ୍ତର ଆୟୋଜନ କରୁଛି । ନଭେମ୍ବର ଏବଂ ଡିସେମ୍ବର ୨୦୧୪ରେ ଯୁବା ସଙ୍ଗମ (ପଂଚମ ଚରଣ) ଆୟୋଜନର ଯୋଜନା କରାଯାଇଛି, ଯାହାକି ଭାରତର ୨୦ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଯୁବକମାନଙ୍କ ଶୈକ୍ଷିକ ତଥା ସାଂସ୍କୃତିକ ଭ୍ରମଣକୁ ସମୃଦ୍ଧ କରିବାରେ ଅଂଶଗ୍ରହଣ କରିଥାଏ । ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଓ ଯାତ୍ରାର ପରିଚାଳନା ପାଇଁ ଆଇଆଇଟି ଭୁବନେଶ୍ୱରକୁ ଓଡିଶାରୁ ନୋଡାଲ ସଂସ୍ଥା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଭାରତ ବିଶ୍ୱର ସବୁଠାରୁ ଯୁବ ଜନସଂଖ୍ୟା ବିଶିଷ୍ଟ ଏକ ଦେଶ ହୋଇଥିବା ବେଳେ ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଥିବା 'ଯୁବା ସଙ୍ଗମ'ର ପଦକ୍ଷେପକୁ ସଂକଳ୍ପବଦ୍ଧ କରାଯାଇଛି ଯାହା ଦ୍ୱାରା ଜନସାଧାରଣଙ୍କୁ ପରସ୍ପର ସହ ଯୋଡିବା ସହ ସମଗ୍ର ଦେଶରେ ଯୁବକମାନଙ୍କ ମଧ୍ୟରେ ସହାନୁଭୂତି ସୃଷ୍ଟି ହେବ । ଯୁବା ସଙ୍ଗମ ମୁଖ୍ୟତଃ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବଂ ଦେଶର ବିଭିନ୍ନ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳର ପର୍ଯ୍ୟନ୍ତ ବିଭିନ୍ନ କ୍ୟାମ୍ପସ୍ ଯୁବକଙ୍କୁ ନେଇ ଗଠିତ ଯୁବକଯୁବତୀମାନଙ୍କ ଶୈକ୍ଷିକ ଅଟା ସାଂସ୍କୃତିକ ଏକ୍ସପୋଜର୍ ଟୁର୍ ପରିଚାଳନା ଉପରେ ଗୁରୁତ୍ୱ ଆରୋପ କରିଥାଏ। ଏହା ମନୋନୀତ ଯୁବକମାନଙ୍କୁ ଜୀବନର ଉଦରବାଦୀ ଦିଗ, ବିକାଶର ଚିହ୍ନ, ସାମ୍ପ୍ରତିକ ସଫଳତା ଏବଂ ଆୟୋଜକ ରାଜ୍ୟ / ୟୁନିଅନ୍ ଟେରିଟୋରୀରେ ଏକ ଯୁବ ସଂଯୋଗର ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିବ । ସେମାନଙ୍କ ପରିଦର୍ଶନ ସମୟରେ ଯୁବକମାନେ ୫ଟି ବିସ୍ତୃତ ବିଭାଗରେ ବହୁମୁଖୀ ଏକ୍ସପୋଜର୍ ପାଇବେ, ଯଥା - ପର୍ଯ୍ୟଟନ, ପରମ୍ପରା, ପ୍ରଗତି, ପ୍ରଦ୍ୟୋଗିକ ଓ ପାରସ୍ପରିକ ସମ୍ପର୍କ।ଯୁବା ସଙ୍ଗମର ପୂର୍ବ ଚାରିଟି ପର୍ଯ୍ୟାୟରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକର ସଂଚାଳନାରେ ୫୦୦୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ରାଜ୍ୟ ତଥା ୟୁଟି ଗସ୍ତ କରିଛନ୍ତି। ଅଂଶଗ୍ରହଣକାରୀମାନେ ଅମୂଲ୍ୟ ଜ୍ଞାନ ଏବଂ ଅଭିଜ୍ଞତା ହାସଲ କରିଛନ୍ତି ଯାହା 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ପରିଚୟ ପ୍ରଦାନ କରିଛି।ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ପ୍ରଫେସର ରାଜେଶ ରୋଶନ ଦାଶ, ଅନୁଷ୍ଠାନର ଡିନ୍ ଛାତ୍ର ବ୍ୟାପାର କହିଛନ୍ତି ଯେ ଆଇଆଇଟି ଭୁବନେଶ୍ୱର ମାନବିକତା, ବିଜ୍ଞାନ, ଇଞ୍ଜିନିୟରିଂ, ମ୍ୟାନେଜମେଂଟ, ଆଇନ ଇତ୍ୟାଦି ଶିକ୍ଷା ପୃଷ୍ଠଭୂମି ଥିବା ଓଡିଶାର ବିଭିନ୍ନ ସ୍ଥାନରୁ ୪୫ ଜଣ ଓଡିଆ ୟୁଜି ଏବଂ ପିଜି ଛାତ୍ରଛାତ୍ରୀଙ୍କୁ ଚୟନ କରିବେ। ଡିସେମ୍ବର ୨୦୨୪ ର ପ୍ରଥମ ସପ୍ତାହରେ ମହାରାଷ୍ଟ୍ର ଯାତ୍ରାକୁ ପରିଚାଳନା କରାଯିବ, ଯେଉଁଠାରେ ଆଇଆଇଏମ୍ ମୁମ୍ବାଇ ଓଡିଶା ଛାତ୍ରମାନଙ୍କୁ ସେମାନଙ୍କୁ ଗସ୍ତ ଓ ରହଣିର ବ୍ୟବସ୍ଥା କରିବ । ସେହିଭଳି ମହାରାଷ୍ଟ୍ରର ୪୫ ଜଣ ଯୁବ ପ୍ରତିନିଧିଙ୍କର ଏକ ଦଳ ଓଡ଼ିଶା ଗସ୍ତ କରିବ, ଯାହା ଆଇଆଇଟି ଭୁବନେଶ୍ୱର ଦ୍ୱାରା ଆୟୋଜିତ ହେବ। ଏଠି ପାଇଁ ପଞ୍ଜୀକରଣ ବ୍ୟବସ୍ଥା ୨୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଖୋଲା ଅଛି। ଓଡିଶାର ମୂଳ ଛାତ୍ରମାନେ ଏଠାରେ ଉପଲବ୍ଧ ଫର୍ମ ପୂରଣ କରି ନିଜକୁ ପଞ୍ଜୀକୃତ କରିପାରିବେ ।

# ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ବିଶ୍ୱ ଧଳାବାଡି ସପ୍ତାହ ପାଳିତ




ଜଳେଶ୍ୱର , ୧୮/୧୦ (ନି.ପ୍ର): ଆଜି ସକାଳ ୮ ଘଟିକା ସମୟରେ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ, ନନ୍ଦିକା ଜଳେଶ୍ୱର ପକ୍ଷରୁ ବିଶ୍ୱ ଧଳାବାଡି ସପ୍ତାହ ପାଳନ ଅବସରରେ ରାଜ୍ୟର ବିଭନ୍ନ ପ୍ରାନ୍ତରୁ ଆସିଥିବା ଦୃଷ୍ଟି ସାଧିତ ଭାଇ ଭଉଣୀ ମାନଙ୍କ ସହିତ ଜଳେଶ୍ୱରର ବିଭିନ୍ନ ସାମାଜିକ ସଂଗଠନ, ବୃଦ୍ଧିଜୀବି, ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ନୂଆବଜାର ଶୋଭା କଲ୍ୟାଣ ମଣ୍ଡପ ଠାରୁ ବାହାରି ନନ୍ଦିକା ଭିନ୍ନକ୍ଷମ ବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଉକ୍ତ ଶୋଭାଯାତ୍ରା ପୂର୍ବରୁ ଜଳେଶ୍ୱର ଥାନାର ଭାରାପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ଦ୍ୱାରା ଦୃଷ୍ଟି ବାଧିତ ମାନଙ୍କୁ ଧଳାବାଡି ବଣ୍ଟନ କରିବା ସହିତ ଆନୁଷ୍ଠାନିକ ଭାବରେ ଶୋଭାଯାତ୍ରାକୁ ଉଦ୍ ଘାଟନ କରାଯାଇଥିଲା। ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ସଭାଗୃହରେ ଉକ୍ତ ଦିବସ ଅବସରରେ ଆୟୋଜିତ ସାଧାରଣ ସଭାକୁ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ବିଷ୍ଣୁପଦ ମହାନ୍ତି ପୌରହିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକାରୀ କମିଟିର ସଦସ୍ୟ କମଳ ଚକ୍ରବର୍ତ୍ତୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ଅନୁଷ୍ଠାନର ଇତିବୃତି ଏବଂ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୋକତ ଶ୍ରୀମତୀ ବ୍ରତତି ହରିଚନ୍ଦନ ( ଓଇଝ) ଉକ୍ତ ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ରାଜ୍ୟ ସରକାରଙ୍କର ଦୃଷ୍ଟି ବାଧିତ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍ଗ ପାଇଁ କରାଯାଉଥିବା ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଦୃଷ୍ଟି ବାଧିତ ମାନେ ସମାଜରେ ବହୁ ଭାବରେ ପ୍ରତିଷ୍ଠା ଲାଭ କରିଥିବା କଥା ବିଭିନ୍ନ ଉଦାହରଣ ମାଧମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ଦ୍ୱାରା ପରିଚାଳିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟକୁ ସରକାରଙ୍କ ଆର୍ଥିକ ସହାୟତା ପ୍ରଦାନ ଦିଗରେ ଆୟୋକ୍ତ ସମସ୍ତ ପ୍ରକାର ସୁପାରିଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ସାଧାରଣ ସଂପାଦକ ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଯୁଗଳ କିଶୋର ପ୍ରଧାନ ଧଳାବାଡି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଏକ ଲିଖିତ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଓଡ଼ିଶା ଦୃଷ୍ଟିହୀନ ସଂଘର ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀଯୁକ୍ତ ଶରତ କୁମାର ଦାସ ବକ୍ତବ୍ୟ ମାଧମରେ ଦୃଷ୍ଟି ବାଧିତ ମାନଙ୍କର ସମସ୍ୟା ଏବଂ ଏହାର ନିରାକରଣ ସମ୍ପର୍କରେ ସରକାରଙ୍କର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋଷ୍ଠୀ ସାମାଜିକ ଅଧିକାରୀ ସଲିମା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗଦାନ କରି ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ବାଧିତ ମାନଙ୍କୁ ସମସ୍ତ ସରକାରୀ ସହାୟତାର ପ୍ରତିଶୃତି ଦେଇଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ କାର୍ଯ୍ୟକାରୀ କମିଟିର ସଦସ୍ୟ ଶ୍ରୀଯୁକ୍ତ କପିଳେଶ୍ୱର ମହାନ୍ତି ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଡଃ ରମାକାନ୍ତ ଭଞ୍ଜ,ଜିତାରାମ ଦେ, କ୍ଷେତ୍ରମୋହନ ଗିରି, ସୁନୀଲ ଗିରି, ଦିଲ୍ଲୀପ ଗିରି, ପୂର୍ଣଚନ୍ଦ୍ର ପରିଡ଼ା, କୋଷାଧକ୍ଷ ସମରେଶ ଦିନ୍ଦା, ପ୍ରଧାନ ଶିକ୍ଷକ ଆଇଜାକ ପରିଡ଼ା, ଶିକ୍ଷୟିତ୍ରୀ ଧରିତ୍ରୀ ରାଣୀ ଦେ,ଶୁଚିଶ୍ମିତା ସେନାପତି, ଲୋପାମୁଦ୍ରା ପରିଡା, ମୀନା ବେହେରା,ମମତା ରଣା, ନିରୋପମା ମହାନ୍ତି, ପ୍ରିୟଙ୍କା ଆଶ, ପୂଜା ରାଣୀ ଦେ, ବରିଷ୍ଠ ହିସାବ ରକ୍ଷକ ଅଜୟ କୁମାର ମହାପାତ୍ର, ତତ୍ତ୍ୱାବଧାରକ ଆଶିଷ କୁମାର ମହାପାତ୍ର,ପରିଚାରକ ଯଦୁନାଥ ନାୟକ, ଅରୁଣ ଦେ,ଗୌରୀ ଶଙ୍କର ଦେ,ପରିଚାରିକା ଟୀନା ରାଣୀ ଦେ, ଧରିତ୍ରୀ ପରିଡ଼ା, ମାମୁନୀ ଦେ ପ୍ରମୁଖ ସହଯୋଗ କରିଥିଲେ।

# ଦକ୍ଷିଣ ଓଡ଼ିଶାରେ ନୂତନ ସୁବିଧା ଉପଲବ୍ଧ ବ୍ରହ୍ମପୁର ସମ୍ ହସ୍ପିଟାଲ୍‌ରେ କେମୋଥେରାପି ଚିକିତ୍ସା ଆରମ୍ଭ

ଭୁବନେଶ୍ୱର , ୧୮/୧୦ (ନି.ପ୍ର): ଦକ୍ଷିଣ ଓଡ଼ିଶାରେ ଉନ୍ନତ ମାନର ଅତ୍ୟାଧୁନିକ କର୍କଟ ଚିକିତ୍ସା ନିମନ୍ତେ ବ୍ରହ୍ମପୁରର ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ- କ୍ୟାମ୍ପସ ୩ରେ କର୍କଟ ରୋଗୀମାନଙ୍କ ନିମନ୍ତେ କେମୋଥେରାପି ଚିକିତ୍ସା ପ୍ରଦାନ ଆରମ୍ଭ କରାଯାଇଛି ।ଏହି ପ୍ରୟାସ ଆରମ୍ଭ ହେବା ଦ୍ୱାରା ସଂପୃକ୍ତ ଅଂଚଳର ରୋଗୀମାନଙ୍କୁ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ । ସେମାନଙ୍କ ପରିବାରର ଆର୍ଥକ ବୋଝ ହ୍ରାସ ପାଇବା ସହ ସେମାନେ ନିଜ ଅଂଚଳରେ ହିଁ ଅତ୍ୟାଧୁନିକ କର୍କଟ ଚିକିତ୍ସା ପାଇପାରିବେ । ଏଠାରେ କେମୋଥେରାପି ଚିକିତ୍ସା ମିଳିବା ଦ୍ୱାରା ରୋଗୀମାନଙ୍କର ଯେ କେବଳ ସମୟ ଏବଂ ଟଙ୍କା ସଂରକ୍ଷିତ ହୋଇପାରିବ ତାହା ନୁହେଁ ବରଂ ଉପଯୁକ୍ତ ସମୟରେ ସେମାନେ ପ୍ରଭାବପୂର୍ଣ୍ଣ କର୍କଟ ଚିକିତ୍ସା ପାଇପାରିବେ । ଶୀତଳାପଲ୍ଲୀ ସ୍ଥିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ପ୍ରତ୍ୟେକ ଶନିବାର ଓ ରବିବାର ଦିନ ମାଗଣା କର୍କଟ ଚିକିତ୍ସାର ପରାମର୍ଶ ଦିଆଯାଉଛି । ଅଙ୍କୋଲୋଜି ମେଡିସିନ ବିଭାଗର ପରାମର୍ଶ ଶନିବାର ଆୟୋଜନ କରାଯାଉଥିବା ବେଳେ ଅଙ୍କୋଲୋଜି ସର୍ଜରୀ ବିଭାଗର ପରାମର୍ଶ ଶିବିର ରବିବାର ଦିନ ଉପଲବ୍ଧ ହେଉଛି ।

# ଆଦର୍ଶ ଜ୍ୟେଷ୍ଠା ବଧୂ ଓ ସମାଜସେବୀ ସ୍ୱର୍ଗତା ସରୋଜିନୀ ହରିଚନ୍ଦନ ପାତ୍ରଙ୍କ ଏକାଦଶାହ ଓ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୧୮/୧୦ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ ପାରୁଳିଆ ଗ୍ରାମର ସ୍ୱର୍ଗତ ଦୁର୍ଗାଚରଣ ପାତ୍ରଙ୍କ ବାସ ଭବନରେ ସ୍ୱର୍ଗତ କୁବେର ଚନ୍ଦ୍ର ପାତ୍ର ଙ୍କ ଜ୍ୟେଷ୍ଠ ପୁତ୍ର ସ୍ୱର୍ଗତ ଡ଼ କୀର୍ତ୍ତନ ଚନ୍ଦ୍ର ପାତ୍ରଙ୍କ ସହ ଧର୍ମଣୀ ସ୍ୱର୍ଗତା ସରୋଜିନୀ ପାତ୍ରଙ୍କର ୮୩ବର୍ଷରେ ଇହଲୀଳା ସମ୍ବରଣ



କରିଛନରି । ଆଜି ଏକାଦଶ କ୍ରିୟା ତା ୧୭/୧୦/ ୨୦୨୪ରିଖ ଗୁରୁବାର ସନ୍ଧ୍ୟା ୫ଟାରେ ତାଙ୍କର ପୁତ୍ର ସବ୍ୟସାଚୀ ପାତ୍ର, ଓ କନ୍ୟା ଡ଼ ତନୁଜା ପାତ୍ର, ରଶ୍ମିରେଖା ପାତ୍ର ଓ ଜ୍ୱାଇଁ ଡ଼ ସତ୍ୟବ୍ରତ ଦଣ୍ଡପଟ,ତଥା ପାତ୍ର ପରିବାରର ଅନ୍ୟ ସଦସ୍ୟ କୁଞ୍ଜକାନ୍ତ ପାତ୍ର, ବ୍ରଜଗୋପାଳ ପାତ୍ର ଓ ଭଣଜା ନିଶିକାନ୍ତ ସେଣ, ସନ୍ଦୀପ ନାରାୟଣ କୁଣ୍ଡୁ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କ୍ଷୁଦ୍ର ଶସ୍ୟଜାତୀୟ ଫସଲ 'ମାଣ୍ଡିଆ'

ମାଣ୍ଡିଆ ଏକ କ୍ଷୁଦ୍ରଶସ୍ୟଜାତୀୟ ଫସଲ। ଓଡ଼ିଶାର ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ଗଞ୍ଜାମ, ନୂଆପଡ଼ା ଆଦି ଜିଲ୍ଲାରେ ଏହାର ଚାଷ କରାଯାଉଛି। ଏହି ଫସଲର ମରୁଡ଼ି ସହଣି ଶକ୍ତି ରହିଥିବାରୁ ଏହାକୁ ପାହାଡ଼ିଆ ଓ



ନିପାଣିଆ ଜମିରେ ସଫଳ ଭାବେ ଚାଷ କରାଯାଇପାରିବ। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ। ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ଆମିନୋଏସିଡ଼ ଥିବା ଯୋଗୁଁ ଏହା ଜଣ୍ଡିସ ଓ ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ।

ପରିସଂଖ୍ୟାନ ଅନୁଯାୟୀ ୨୦୧୨-୧୩ ମସିହାରେ ଓଡ଼ିଶାର ପ୍ରାୟ ୧ଲକ୍ଷ ୭୦ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇ ବର୍ଷକୁ ୧ଲକ୍ଷ ୫୧ହଜାର ମେଟ୍ରିକ ଟନ ଅମଳ କରାଯାଉଛି। ହେକ୍ଟର ପ୍ରତି ଅମଳ କ୍ଷମତା ହେଉଛି ୮୯୫କିଗ୍ରା। ଏହି ଶସ୍ୟଟିରେ ଚାହିଦା ବଢୁଥିବା ଲକ୍ଷ୍ୟକରି ସରକାରଙ୍କ ପକ୍ଷରୁ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଉଛି।


ବିହନ କିସମ: ନୀଳାଚଳ, ଶ୍ୱେତା, ଚିଲିକା, ସ୍ୱର୍ଣ୍ଣ, ଶୁଭ୍ରା ଭୈରବୀ, ଗୋଦାବରୀ।

ବିହନ ବିଶୋଧନ: ବିହନ କିଲୋଗ୍ରାମ ପ୍ରତି ୨-୩ ଗ୍ରାମ କ୍ୟାପଟାନ/ଥିରାମ ବା ୧.୫ ଗ୍ରାମ କାର୍ବେଣ୍ଡାଜିମ ମିଶାଇ ବିଶୋଧନକରନ୍ତୁ। ବର୍ଷରେ ୩ଥର ମାଣ୍ଡିଆ ବୁଣାଯାଏ। ଜୁନ ମାସ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ମଧ୍ୟରେ ଓ ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୧୫ ତାରିଖ ମଧ୍ୟରେ। ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୮ କିଗ୍ରା ବିହନ ଦରକାର ହୁଏ। ଛଟା ବୁଣା ହେକ୍ଟର ପ୍ରତି ୧୦ କିଗ୍ରା ବିହନ ଲାଗେ। ଧାଡ଼ିକୁ ଧାଡ଼ି ୨୫ ସେମି ବ୍ୟବଧାନରେ ୩-୪ସେମି ଗଭୀରରେ ବିଶୋଧିତ ବିହନ ବୁଣିବାକୁ ହୁଏ ମାଣ୍ଡିଆ ରୋଇଲେ ଆଦାୟ ଅଧିକ ହୁଏ। ହେକ୍ଟର ପ୍ରତି ୬ କିଗ୍ରା ବିହନ ଦରକାର ହୁଏ। ଖରାଦିନେ ମାଣ୍ଡିଆରେ ଆବଶ୍ୟକ ସ୍ଥଳେ ପ୍ରତି ୭ଦିନ ଅନ୍ତରରେ ପାଣି ମଡ଼ାଯିବା ଦରକାର।

ସମନ୍ୱିତ ରୋଗପୋକ ପରିଚାଳନା: ମାଣ୍ଡିଆରେ କାଣ୍ଡବିନ୍ଧା ପୋକ, ଦିଆଲିପୋକ, କରପୋକ, ଝିଣ୍ଟିକା, ରଇ, ସଂବାଲୁଆ ଆଦି କ୍ଷତିକାରକ ପୋକ ଲାଗନ୍ତି। କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ମନୋକ୍ରୋଟାଫସ ୩୬% ଏସଏଲ ୧.୪ ଲିଟର କିମ୍ବା କ୍ଲୋରୋପାଇରିଫସ ୧୨୫୦ମି.ଲି, କିମ୍ବା ଟ୍ରାୟୋଜୋଫସ ୪୦% ଇସି ୮୭୫ମି.ଲି ୫୦୦ ମଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ କ୍ଲୋଶରୋପାଇରିଫସ ୨୦% ଇସି ୧୨୫୦ମି.ଲି କିମ୍ବା ଏଣ୍ଡୋସଲଫାନ ୩୫% ଇସି ୧.୪ ଲିଟର ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝିଣ୍ଟିକା ପାଇଁ ହେକ୍ଟର ପ୍ରତି ୨୫ କିଗ୍ରା ମାଲାଥିଆନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ବିଞ୍ଚନ୍ତୁ। ମାଣ୍ଡିଆ କିସମ ଅନୁସାରେ ୯୦-୧୨୯୦ ଦିନ ମଧ୍ୟ; ଅମଳ ହୁଏ।



# ଲୁଣ କାରଣରୁ ହେଉଛି ଅନେକ ରୋଗ, ବର୍ଷକୁ ଯାଉଛି ୧୮ ଲକ୍ଷ ଲୋକଙ୍କ ଜୀବନ



ପ୍ରତ୍ୟେକ ବ୍ୟଞ୍ଜନର ସ୍ୱାଦ ବଢ଼ାଉଥିବା ଲୁଣ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଏବେ ବିବାଦ ଘେରରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଅନୁସାରେ, ମାତ୍ରାଧିକ ଲୁଣ ବ୍ୟବହାର ଯୋଗୁ ବିଶ୍ୱରେ ୧୮.୯ ଲକ୍ଷ ଲୋକ ପ୍ରତି ବର୍ଷ ପ୍ରାଣ ହରାଉଛନ୍ତି । ଏହା ଉଚ୍ଚ ରକ୍ତଚାପ ଓ ଏକାଧିକ ହୃଦ୍ ସମସ୍ୟାର କାରଣ ହୋଇଛି । ଲୁଣରେ ଥିବା ସୋଡିୟମ୍ କୋଷିକାଗୁଡ଼ିକର ସ୍ୱାଭାବିକ କାର୍ଯ୍ୟକଳାପରେ ସାହାଯ୍ୟ କରେ । କ୍ଷୀର, ମାଂସ ଓ ମାଛ ଭଳି ଅନେକ ଖାଦ୍ୟରେ ଏହା ପ୍ରାକୃତିକ ରୂପେ ମିଳେ । କିନ୍ତୁ ମାତ୍ରାଧିକ ସୋଡିୟମ୍ ହୃଦ୍‌ଘାତ, ଷ୍ଟ୍ରୋକ୍, ଅପମୃତ୍ୟୁ ଆଶଙ୍କା ବଢ଼ାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ ସ୍ପଷ୍ଟ କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୟସ୍କଙ୍କ ପାଇଁ ଦିନକୁ ୨୦୦୦ ମିଲିଗ୍ରାମ୍‌ରୁ କମ୍ ସୋଡିୟମ୍ ଖାଇବାକୁ ସୁପାରିଶ କରିଛି । ଏହା ଗୋଟିଏ ଛୋଟ ଚାମଚଠୁ ଟିକିଏ କମ୍ । ତେବେ ପିଲାଙ୍କ ଆବଶ୍ୟକତା ଅନୁସାରେ ସୋଡିୟମ୍ ଦିଆଯିବା ଦରକାର ବୋଲି ଏହା ସ୍ପଷ୍ଟ କରିଛି । ଆୟୋଡାଇଡ୍ ଲୁଣ ଖାଇବାକୁ ମଧ୍ୟ ହୁ କହିଛି, ଯାହା ସୁସ୍ଥ ମସ୍ତିଷ୍କ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଲୁଣ ଖାଇବା ସମ୍ପୂର୍ଣ୍ଣ ବନ୍ଦ କରିବା ଅସମ୍ଭବ କିନ୍ତୁ ମାତ୍ରାଧିକ ଲୁଣ ବ୍ୟବହାର ଅଭ୍ୟାସ କମାଇବା ସହିତ ପ୍ରକ୍ରିୟାକୃତ ଖାଦ୍ୟଠୁ ଦୂରରେ ରହି ସତେଜ ଖାଦ୍ୟ ଖାଇବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରସ୍ତାବ ଦେଇଛି ।

# ୨୧ ବର୍ଷରେ ଯୁବତୀଙ୍କ ଦରମା ୮୪ ଲକ୍ଷ



ଦୁନିଆରେ ସମସ୍ତେ ଧନୀ ହେବାକୁ ଚାହାଁନ୍ତି । ଏଥିପାଇଁ କିଏ ସଟକଟ୍ ଆପଣାନ୍ତି ତ ଆଉ କିଏ କଠିନ ପରିଶ୍ରମ କରିଥାନ୍ତି । କିନ୍ତୁ ଏମିତି ଜଣେ ଯୁବତୀ ଅଛନ୍ତି, ଯାହାଙ୍କ ଦରମା ଲକ୍ଷ ଲକ୍ଷ ଟଙ୍କା । ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଯୁବତୀଙ୍କ ବୟସ ମାତ୍ର ୨୧ ବର୍ଷ । କିନ୍ତୁ ଦରମା ତାଙ୍କର ୮୪ ଲକ୍ଷ ଟଙ୍କା । ଏ ଖବର ନିଶ୍ଚୟ ଅବିଶ୍ୱାସ ଲାଗିପାରେ । କିନ୍ତୁ ଏହା ସତ । ୨୧ ବର୍ଷ ବୟସରେ ଏହି ଯୁବତୀ ୮୪ ଲକ୍ଷ ଟଙ୍କା ଆୟ କରୁଛନ୍ତି ନିଶ୍ଚୟ ଆଶ୍ଚର୍ଯ୍ୟର କଥା। ଖାସ୍ କଥା ହେଉଛି ଏତେ ଟଙ୍କାର ଚାକିରୀକୁ କେହି କରିବାକୁ ପସନ୍ଦ କରୁନାହାନ୍ତି । କିନ୍ତୁ ଏହି ଯୁବତୀ ଜଣକ କରୁଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଜାଣି ଆଶ୍ଚର୍ଯ୍ୟ ହେବେ ଯୁବତୀ ଜଣକ ସ୍ଥାୟୀ କର୍ମଚାରୀ ନୁହଁନ୍ତି ବରଂ ଜଣେ ଟ୍ରେନିଂ । ୨୧ ବର୍ଷୀୟ ଯୁବତୀ ଜଣକଙ୍କର ନାଁ ହେଉଛି ତାଲେହ ଜେନ୍ । ତାଲେହ ଜଣେ ଅଷ୍ଟ୍ରେଲିୟ ଯୁବତୀ । ସେ ଅଷ୍ଟ୍ରେଲିଆର ପର୍ଥରେ ରୁହନ୍ତି । ତାଲେହଙ୍କ କହିବା କଥା ହେଉଛି ଏଥିରେ ତାଙ୍କର ଅଭିଜ୍ଞତା ବଢିବା ସହ ଦରମା ମଧ୍ୟ ବୃଦ୍ଧି ହେଉଛି । କିନ୍ତୁ ଯେଉଁ କାମ ତାଲେହ କରନ୍ତି , ସେ କାମ ଆଉ କେହି କରିବାକୁ ଚାହିଁବେନି । କାରଣ ଏହି କାମ ଖୁବ୍ ବିପଦପୂର୍ଣ୍ଣ । ବାସ୍ତବରେ ତାଲେହ ଜଣେ ଟାୟାର ଫିଟର । ସେ ଖଣିରେ ଟାୟାର ଫିଟର ଟ୍ରେନର ଭାବେ କାମ କରୁଛନ୍ତି । ଅର୍ଥାତ୍ ଟାୟାର ଫିଟରଙ୍କ କାମ ହେଉଛି ସେ ଖଣି ଭିତରକୁ ଯାଇ ସେଠାରେ ଥିବା ମେସିନ ଗୁଡିକର ଟାୟାର ମରାମତି କରିବେ । ଏହି ଚାକିରିରେ ବହୁତ ବିପଦ ରହିଥାଏ । ତେଣୁ ଏହାର ଦରମା ଏତେ ଅଧିକ । ସେ ଲଗାତାର ୮ ମାସ ଚାକିରି କରନ୍ତି ଏବଂ ୪ ମାସ ଛୁଟିରେ ଘରକୁ ଚାଲି ଯାଆନ୍ତି। ତାଙ୍କୁ ବାର୍ଷିକ ୮୪ ଲକ୍ଷ ଟଙ୍କା ମିଳିଥାଏ। ତାଲେହଙ୍କ କହିବାନୁସାରେ ,ମୋତେ ଏତେ ଅଧିକ ଟଙ୍କା ଏଥିପାଇଁ ଦିଆଯାଏ , ତାହା ବି ଟ୍ରେନି ଭାବେ।

# ଯୋଗ କଲାବେଳେ ସାବଧାନତା



ଯୋଗ କରିବା ଏକ ଉତ୍ତମ ବିଚାରଧାରା। ହେଲେ ଏହି ଯୋଗ କଲାବେଳେ କେତୋଟି ବିଷୟ ପ୍ରତି ନିହାତି ଧ୍ୟାନ ଦେବା ଆବଶ୍ୟକ। ଭାରତର ନାମକରା ଯୋଗଗୁରୁମାନେ ଏ ବାବଦରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ଚେଷ୍ଟା କରିଛନ୍ତି।

- ଯୋଗ କଲାବେଳେ ଶରୀରର ସାଧାରଣ ତାପମାତ୍ରା ସାମାନ୍ୟଠାରୁ ଅଧିକ ଥାଏ। ଏହି ସମୟରେ ଥଣ୍ଡା ପାଣି ପିଇବା ଉଚିତ ନୁହେଁ, କାରଣ ସର୍ଦ୍ଦି, ଜ୍ୱର ହେବାର ଆଶଙ୍କାରହିଛି।

- ସବୁବେଳେ ଯୋଗଗୁରୁଙ୍କ ପରାମର୍ଶରେ ହିଁ ଯୋଗ କରିବା ଉଚିତ। ପୁସ୍ତକ ପଢ଼ି କିମ୍ବା ସିଡ଼ି ଦେଖି ଯୋଗକୋଲେ ଶରୀର ପାଇଁ ହାନିକାରକ ହୋଇପାରେ।

- ଭୋଜନ କରିବା ପରେ ଯୋଗକରିବା ସମ୍ପୂର୍ଣ୍ଣ ଅନୁଚିତ। ସକାଳୁ ଖାଲିପେଟରେ ଯୋଗ କରିବା ସର୍ବୋତ୍ତମ।

- ଯୋଗ କରିବା ପରେ ସଙ୍ଗେ ସଙ୍ଗେ ଗାଧୋଇବା ଅନୁଚିତ। ଅତିକମରେ ଯୋଗ କରିବାର ୧ଘଣ୍ଟା ପରେ ସ୍ନାନ କରିବା ଶରୀର ପାଇଁ ଭଲ।

- ଯୋଗ କଲାବେଳେ ହାଲକା ପୋଷାକ ପିନ୍ଧିବା ସହ ଅଳଙ୍କାର ନପିନ୍ଧିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆସନ କଲାବେଳେ ଗହଣାଗୁଡ଼ିକ ଶରୀର କ୍ଷତି ପହଞ୍ଚାଇପାରନ୍ତି।

- ଯୋଗ ଶିଖିବାର ପ୍ରାରମ୍ଭ ସମୟରୁ ହିଁ ସରଳରୁ କଠିନ ଆସନକୁ ଗତି କରନ୍ତୁ। ପ୍ରଥମରୁ କଠିନ ଆସନ କରିବା ଶରୀର ପାଇଁ କ୍ଷତିକାରକ।


- ଶରୀର ଅସୁସ୍ଥ ଥିବାସମୟରେ ଯୋଗ କରିବେ ନାହିଁ। ଯଦି ଏହି ସମୟରେ ଯୋଗ କରିବାକୁ ଚାହୁଁଛନ୍ତି, ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

- ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ହିଁ ଯୋଗ କରିବେ।

- ପିଠିରେ କିମ୍ବା ମାଂସପେଶୀରେ କଷ୍ଟ ହେଲେ ଯୋଗଗୁରୁଙ୍କ ପରାମର୍ଶ ନେବେ।

- ଯୋଗ କରିବା ସମୟର ଶୌଚାଳୟ ନଯିବା ଉଚିତ। ନିଜ ଶରୀରର ଜଳୀୟ ଅଂଶକୁ ଝାଳ ଆକାରର ବାହାର କରିବାକୁ ଚେଷ୍ଟା କରନ୍ତୁ।

-ଭୂମି ଉପରେ ଆସନ ବିଛାଇ ଯୋଗ କରିବା ସବୁଠୁ ଉତ୍ତମ।





# ଏହି ପତ୍ରର ରସ ପିଇଲେ ସଫା ହୁଏ ଗଳା: ଏଥିରେ ଫେସିଆଲ୍ କଲେ ଚମକିବ ତ୍ୱଚା



ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ। ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ। ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ। ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା। ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି। ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ।



ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ। ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ।

ଏହା ଛଡ଼ା ଖଣ୍ଡିଆଖାପରାରେ ବି ଏହି ପତ୍ରକୁ ବ୍ୟବହାର କରାଯାଇପାରେ। କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ। ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛୋଚି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ। ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ। ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ



ଫେରିଆସେ। ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ। ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ। ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଦୁଇଥର ଏପରି କରିବା ଦ୍ୱାରା ତେଲିଆ ତ୍ୱଚାର ସାଧାରଣ ଅବସ୍ଥା ଫେରିପାଏ। ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନୀ ମହାଲଢ଼େଇ...

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ। ନଭେମ୍ବର ୨୦ରେ ମହାରାଷ୍ଟ୍ରରେ ଏବଂ ନଭେମ୍ବର ୧୩ ଓ ୨୦ ତାରିଖରେ ଝାଡ଼ଖଣ୍ଡରେ ଭୋଟ ଗ୍ରହଣ କରାଯିବ। ସେହିମାସ ୨୩ ତାରିଖରେ ଭୋଟ ଗଣତି ହେବ। ସମ୍ଭବତଃ ଏହା ହେବ ଚଳିତ ବର୍ଷର ଶେଷ ନିର୍ବାଚନ। ଗତ ସାଧାରଣ ନିର୍ବାଚନ ବେଳେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ ଓ ଅରୁଣାଚଳ ପ୍ରଦେଶ ବିଜୟ ପରେ ହରିଆଣାରେ ଅପ୍ରତ୍ୟାଶିତ ବିଜୟ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ମନୋବଳକୁ ଶକ୍ତି ଯୋଗାଇଛି। ଏହି ଶକ୍ତିକୁ ଆଧାର କରି ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ବିଜୟ ପାଇଁ ଆଶା ବାନ୍ଧିଛି ଏନ୍‌ଡିଏ। ତେବେ ସମସ୍ତଙ୍କର ନଜର ରହିବ ମହାରାଷ୍ଟ୍ର ଉପରେ। ଏହି ରାଜ୍ୟରେ ଦୁଇ ମେଣ୍ଟ ମଧ୍ୟରେ ଲଢ଼େଇ ଜୋରଦାର ହେବାର ସମ୍ଭାବନା ରହିଛି। ଗୋଟିଏ ପଟେ ଶାସକ ମହାୟୁତି (ବିଜେପି, ଶିବ ସେନା ଓ ଏନ୍‌ସିପି) ଥିବା ବେଳେ ଅନ୍ୟପଟେ ମହାବିକାଶ ଅଘାଡ଼ି (କଂଗ୍ରେସ, ଉଦ୍ଧବଙ୍କ ଶିବ ସେନା ଓ ଶରଦ ପାୱାରଙ୍କ ଏନସିପି) ରହିଛ। ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ଏବଂ ଅବିଭାଜିତ ଶିବସେନା ମେଣ୍ଟ ବିଜୟ ଲାଭ କରି ସରକାର ଗଠନ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଶିବସେନା ବିଜେପିଠାରୁ ଅଲଗା ହୋଇ ଶରଦ ପାୱାରଙ୍କ ଏନ୍‌ସିପି ଓ କଂଗ୍ରେସ ସହ ମେଣ୍ଟ କରି ସରକାର ଗଠନ କରିଥିଲା। ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଗୋଟିଏ ବର୍ଷ ପରେ ଶିବସେନା ଓ ଏନ୍‌ସିପି ଭାଗ ଭାଗ ହୋଇଯାଇଥିଲେ। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଅଧିକାଂଶ ଶିବସେନା ବିଧାୟକ ବିଦ୍ରୋହ କରି ବିଜେପି ସହ ହାତ ମିଳାଇଲେ। ଅଜିତ ପାୱାରଙ୍କ ନେତୃତ୍ୱରେ ଅନେକ ବିଧାୟକ ଏନ୍ ? ?ସିପିରେ ବିଦ୍ରୋହ କରି ଏକନାଥ ସିନ୍ଦେଙ୍କ ପଥ ଅନୁସରଣ କଲେ। ଏହି ତିନିଦଳକୁ ନେଇ 'ମହାୟୁତି ମେଣ୍ଟ' ହୋଇଥିଲା ଏବଂ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାକୁ ନେଇ ମହାରାଷ୍ଟ୍ର ରାଜନୀତିରେ କମ୍ପନ ସୃଷ୍ଟି ହୋଇଥିଲା। ଏଭଳି ବିଦ୍ରୋହ ପରେ ଗତ ଲୋକସଭା ନିର୍ବାଚନରେ ଉଭୟ ମେଣ୍ଟ ବଳ କଷାକଷି ହୋଇଥିଲେ। ଏଥିରେ ବାଜି ମାରିନେଇଥିଲା 'ମହାବିକାଶ ଆଘାଡ଼ି ମେଣ୍ଟ'। ୪୮ଟି ଲୋକସଭା ଆସନ ମଧ୍ୟରୁ ୩୦ଟିରେ ବିଜୟୀ ହୋଇ ଏହି ମେଣ୍ଟ କ୍ଷମତାସୀନ ମେଣ୍ଟକୁ ନିରାଶା ମଧ୍ୟକୁ ଠେଲିଦେଇଥିଲା। ଆସନ୍ତା ବିଧାନସଭା ନିର୍ବାଚନରେ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ବିରୋଧୀ ମେଣ୍ଟ ଦୃଢ଼ ଅଶାବାଦୀ। କିନ୍ତୁ ହରିଆଣା ବିଧାନସଭା ନିର୍ବାଚନ ଫଳାଫଳ ଦୁଇ ମେଣ୍ଟର ମନୋବଳକୁ ଓଲଟପାଲଟ କରିଦେଇଛି। ଲୋକସଭା ନିର୍ବାଚନ ଫଳାଫଳ ଅନୁରୂପ ବିଧାନସଭା ଭୋଟ୍ ଫଳାଫଳ ହେବ ବୋଲି ନିଶ୍ଚିତତା ନାହିଁ। ହରିଆଣା ନିର୍ବାଚନ ଏହାକୁ ପ୍ରମାଣିତ କରିଛି। ହରିଆଣା ଫଳାଫଳ କ୍ଷମତାସୀନ 'ମହାୟୁତି ମେଣ୍ଟ'ର ମନୋବଳକୁ ମଜଭୂତ କରିଥିବା ବେଳେ ବିରୋଧୀ 'ମହାବିକାଶ ଆଘାଡ଼ି ମେଣ୍ଟ' କିଛି ପରିମାଣରେ ନିରୁତ୍ସାହିତ ହୋଇପଡ଼ିଛି। ବିଶେଷକରି କଂଗ୍ରେସକୁ ବଡ଼ ଧରଣର ଝଟ୍‌କା ଲାଗିଛି। ମେଣ୍ଟର ତିନି ଦଳ ଅଧିକ ଆସନ ପାଇଁ ଆଗରୁ ଜିଦ୍ ଧରିଥିବା ବେଳେ ଏବେ ନରମ ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ୍ୟ ହେବେ। ହରିଆଣା ଫଳାଫଳରୁ ଶିକ୍ଷା ଲାଭ କରି ଏହି ମେଣ୍ଟ ନୂଆ ରଣନୀତି ସହ ନିର୍ବାଚନ ମଇଦାନରେ ଅବତରଣ କରିବ ବୋଲି ଅନୁମାନ କରାଯାଉଛି। ସେହିପରି ହରିଆଣାରେ ବିଜେପି ମୁଖ୍ୟମନ୍ତ୍ରୀ ନାଏବ ସିଂହ ସଇନି ଯେଉଁ ରଣନୀତି ଆପଣାଇ କଂଗ୍ରେସକୁ ପରାଜିତ କରିଥିଲେ ସେହି ରଣନୀତି ମହାରାଷ୍ଟ୍ରରେ ଆପଣାଇବାକୁ ଉଦ୍ୟମ କରିବ ବିଜେପି। ଝାଡ଼ଖଣ୍ଡରେ ମଧ୍ୟ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ୍-କଂଗ୍ରେସ-ଆରଜେଡି ମେଣ୍ଟ ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି। ୫ ବର୍ଷ ଧରି କ୍ଷମତା ବାହାରେ ଥିବା ଏନ୍‌ଡିଏ ରାଜ୍ୟରେ ସରକାର ଗଠନ ପାଇଁ ସବୁପ୍ରକାର ଶକ୍ତି ଖଟାଉଥିବା ଦେଖିବାକୁ ମିଳିଛି। ରାଜ୍ୟ ବିଜେପିରେ ଅନେକ ଦିଗ୍‌ଗଜ ନେତା ଥିଲେ ମଧ୍ୟ ହାଇକମାଣ୍ଡ ବାହାର ନେତାଙ୍କ ଉପରେ ଭରସା କରିଛି। ସେମାନେ ହେଲେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ। ଏହି ଦୁଇ ନେତା ରାଜ୍ୟ ବିଜେପି ପ୍ରଚାର ଅଭିଯାନର ମଙ୍ଗ ଧରିବେ। ଅନ୍ୟପକ୍ଷରେ ଜେଏମଏମ୍ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ତାଙ୍କ ସ୍ଥିତିକୁ ଆହୁରି ମଜଭୂତ କରିବାକୁ ଚେଷ୍ଟା କରିବେ। ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କୁ ଗିରଫ କରି ଯେମିତି ଜେଲରେ ଭର୍ତ୍ତି କରିଥିଲା, ତାହାକୁ ସେ ନିର୍ବାଚନରେ ପ୍ରସଙ୍ଗ କରିବେ। ସେ ଆଦିବାସୀ ହୋଇଥିବାରୁ ତାଙ୍କୁ କେନ୍ଦ୍ର ସରକାରଙ୍କ ଇସାରାରେ ଇଡି ନିର୍ଯାତନା ଦେଉଛି ବୋଲି କହି ଭୋଟ ହାତେଇବାକୁ ଚେଷ୍ଟା କରିବେ। ତେବେ ଉଭୟ ମେଣ୍ଟ ସେମାନଙ୍କ ରଣନୀତିରେ କେତେ ସଫଳ ହେବେ ତାହା ନଭେମ୍ବର ୨୩ ତାରିଖରେ ହିଁ ଜଣାପଡ଼ିବ।

# ଡିଜିଟାଲ ଆରେଷ୍ଟ



## ଯୁଧିଷ୍ଠିର ମହାରଣା

ସଂପ୍ରତି ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତିର ମୋବାଇଲ, ଇଣ୍ଟରନେଟ ଆଉ ସୋସିଆଲ ମିଡ଼ିଆ ଯୁଗ ତେବେ ଏପରି ସମୟରେ ଅପରାଧୀମାନେ ଦିନକୁ ଦିନ ହାଇଟେକ୍ କାଣ୍ଡ ଘଟାଇବା ପାଇଁ ପଛାଉନାହାଁନ୍ତି। ଏହି ସାଇବର ଠକମାନେ ଇଣ୍ଟରନେଟ ଦ୍ୱାରା ଅଜଣା ଲୋକ ଠାରୁ ଅର୍ଥ ଲୁଟିବା ପାଇଁ ଅନେକ ନୂଆ ନୂଆ ପନ୍ଥା ଆପଣାଉଛନ୍ତି। ଏକ ନୂଆ ପନ୍ଥା ଭାବେ ଡିଜିଟାଲ ଆରେଷ୍ଟ ମାଧ୍ୟମରେ ସାଇବର ଠକମାନେ ୟୁଜର୍ସଙ୍କୁ ଏପରି ଠକୁଛନ୍ତି ଯେ ସାଧାରଣରେ ୟୁଜରଙ୍କର ଏ ନେଇ କୌଣସି ଧାରଣା ହିଁ ନଥାଏ। ଯାହାଦ୍ୱାରା ସେମାନେ ଏହି ଅଦୃଶ୍ୟ ଠକମାନଙ୍କ ସହଜ ଶିକାର ହୋଇ ନିଜ ସଞ୍ଚିତ ଅର୍ଥ ହରାଇବାକୁ ବାଧ ହୋଇଥାନ୍ତି।

ଆସନ୍ତୁ ପ୍ରଥମେ ଜାଣିବା ବାସ୍ତବରେ ଡିଜିଟାଲ ଆରେଷ୍ଟ କ'ଣ? ଏଥିରେ ସାଇବର ଠକ ଅନଲାଇନ ମାଧ୍ୟମରେ ପୀଡ଼ିତଙ୍କୁ ତାଙ୍କ ନାମ ବିରୋଧରେ ଥାନାରେ ଅଭିଯୋଗ ପଞ୍ଜୀକୃତ ହୋଇଥିବା ସୂଚନା ଦେଇଥାନ୍ତି। ଏଥିସହ ନାନା କଥା କହି ମନରେ ଭୟ ସୃଷ୍ଟି କରାନ୍ତି। ମିଥ୍ୟା ମାମଲାରେ ପୀଡ଼ିତ ପ୍ରଥମେ ଭୟଭୀତ ହୋଇଥାନ୍ତି। ଯେଉଁ କାରଣରୁ ସେମାନେ ଏପରି ମାମଲା ଠାରୁ ବର୍ତ୍ତିବାକୁ ଚେଷ୍ଟା କରିଥାନ୍ତି। ଏହାପରେ ପୀଡ଼ିତଙ୍କୁ ଘରୁ ବାହାରକୁ ନ ଯିବା ଓ ପରିବାର, ବନ୍ଧୁଙ୍କ ସହ ଯୋଗାଯୋଗ ନକରିବାକୁ ଠକ ବାରଣ କରିଥାଏ। ପୀଡ଼ିତ ଅତ୍ୟଧିକ ଭୟ ପାଇଗଲା ପରେ ଠକ ସେମାନଙ୍କୁ ସାହାଯ୍ୟ କରିବା ଲାଗି ନିଶ୍ଚିନ୍ତ କରିଥାଏ। ପୀଡ଼ିତ ମଧ୍ୟ ଠକ କଥାକୁ ଅନୁସରଣ କରିଥାଏ ଏବଂ ଠକର ଡିମାଣ୍ଡ କ୍ରମେ ତାହାକୁ ଟଙ୍କା ଦେଇଥାଏ। ଡିଜିଟାଲ ଉସ ମାଧ୍ୟମରେ ନକଲି ଗିରଫ କରିବାର ଭୟ ଦେଖାଇ ଅର୍ଥ ହଡ଼ପ କରିବା ପ୍ରକ୍ରିୟାକୁ ଡିଜିଟାଲ ଆରେଷ୍ଟ କୁହାଯାଏ। ଏଥିସହ ଠକ ପୀଡ଼ିତଙ୍କ ଆଧାର କାର୍ଡ଼, ସିମ କାଡ଼. ବ୍ୟାଙ୍କ ଡିଟେଲସ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟକୁ ହାସଲ କରିଥାଏ। ବିଶେଷକରି ମହିଳା, ଗ୍ରାମାଞ୍ଚଳ ଲୋକ ଓ କିଶୋର କିଶୋରୀଙ୍କୁ ଏଥିରେ ଅଧିକ ଟାର୍ଗେଟ କରାଯାଏ। ଠକମାନେ ଅର୍ଥ ହେରଫେର ତଥା ନିଶାଦ୍ରବ୍ୟ ବିକ୍ରି ଭଳି ମାମଲା ସହ ଜଡ଼ିତ ମିଥ୍ୟା ଅଭିଯୋଗ ପ୍ରସ୍ତୁତ କରି ପୀଡ଼ିତଙ୍କୁ ଭୟ ଦେଖାଇଥାନ୍ତି। ଗିରଫ ଭୟରୁ ମୁକ୍ତି କରିଦେବା କହି ଲକ୍ଷ ଲକ୍ଷ ଟଙ୍କା ଠକିବାରେ ସଫଳ ହୁଅନ୍ତି। ଲୋକଙ୍କୁ ଫାନ୍ଦରେ ପକାଇବା ପାଇଁ ସାଇବର ଠକମାନେ ବିଶେଷ କରି ବିଦେଶୀ କଳା ଟଙ୍କା ନେଣଦେଣ ତଥା ଡ୍ରଗ୍ସ ଭଳି ମାମଲା ସହ ଜଡ଼ିତ ନକଲି ଅଭିଯୋଗ ପ୍ରସ୍ତୁତ କରିଥାନ୍ତି। ଏସବୁ ପୂର୍ବରୁ ଜଣେ ଠକ ପୀଡ଼ିତଙ୍କ ନାମ, ଠିକଣା, ବୃତ୍ତି ତଥା ଅନ୍ୟାନ୍ୟ ଡାଟା ବିଷୟରେ ପ୍ରଥମେ ଜାଣିବାକୁ ଚେଷ୍ଟା କରିଥାଏ। ଏଥିଲାଗି ଠକ ସୋସିଆଲ ମିଡ଼ିଆକୁ ବ୍ୟବହାର କରିଥାଏ। କିମ୍ବା ପୀଡ଼ିତଙ୍କର ଅନଲାଇନ ସାଙ୍ଗ ହେବାକୁ ଚେଷ୍ଟା କରି ତଥ୍ୟ ହାସଲ କରେ।

ଭାରତର ସାଇବର ଅପରାଧ ମାମଲା ଲାଗି ସୂଚନା ପ୍ରଯୁକ୍ତି ବିଦ୍ୟା ଅଧିନିୟମ ୨୦୦୦ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ସଂଶୋଧନ ଅଧିନିୟମ ୨୦୦୮ ଲାଗୁ ହୋଇଥାଏ। ଏଥିରେ ଅନେକ ପ୍ରକାରର ସାଇବର ଅପରାଧ ମାମଲାର ଦଣ୍ଡ ରହିଛି। ଏଥିରେ ସାଇବର ଅପରାଧିକ କାର୍ଯ୍ୟକଳାପକୁ ନଜରରେ ରଖି ଅନ୍ୟୁନ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜୋରିମାନା ଦଣ୍ଡ ରହିଛି। ଭାରତୀୟ ଦଣ୍ଡ ସଂହିତା ଧାରା ୫୦୯ ଅନୁଯାୟୀ ଯଦି ଜଣେ ଅପରାଧୀ କୌଣସି ବ୍ୟକ୍ତି କିମ୍ବା ମହିଳାଙ୍କ ଗୋପନୀୟତାକୁ ଉଲ୍ଲଂଘନ କରେ, ତେବେ ତାଙ୍କୁ ଦଣ୍ଡ ଦିଆଯାଇପାରେ। ସେହିପରି ଡାଟା ବ୍ରିଚ ବା ତଥ୍ୟ ଚୋରି ଲାଗି ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ବିଲ ୨୦୨୩ ସହ ଜଡ଼ିତ କରାଯାଏ। ଏହି ବିଲ ଅଧୀନରେ ଭାରତର ସମସ୍ତ ଅନଲାଇନ ତଥ୍ୟ ଆଇନଗତ ଆଭିମୁଖ୍ୟରେ ରଖାଯାଇଛି। ଏହି ବିଲ ଅନୁଯାୟୀ ଡିଜିଟାଲ ପ୍ଲାଟଫର୍ମରେ ଠକେଇ ଓ ତଥ୍ୟ ଚୋରି କରିବା ଲାଗି ଜେଲ ଦଣ୍ଡ ସମେତ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯିବାର ବ୍ୟବସ୍ଥା ରହିଛି।

ଏନେଇ ଆପଣ କିପରି ରକ୍ଷା ପାଇବେ ସେ ନେଇ ଉଲ୍ଲେଖ କରୁଛୁ। ସର୍ବପ୍ରଥମେ ଆଧାର କାର୍ଡ଼, ସିମ କାର୍ଡ଼, ଏଟିଏମ୍ କାର୍ଡ଼ ଏବଂ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ କାହା ସହ ସେୟାର କରନ୍ତୁ ନାହିଁ। ଅଜ୍ଞାତ କଲ କିମ୍ବା ଇମେଲଗୁଡ଼ିକୁ ଅଣଦେଖା କରନ୍ତୁ। କୌଣସି ବ୍ୟକ୍ତିଙ୍କୁ ଅନଲାଇନ ମାଧ୍ୟମରେ ଟଙ୍କା ଦେବା ପୂର୍ବରୁ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଗ୍ରହଣ କରନ୍ତୁ। ଯଦି କେହି ଆପଣଙ୍କୁ କଲ କିମ୍ବା ଭିଡ଼ିଓ କଲ ମାଧ୍ୟମରେ ଧମକ ଦେବାକୁ ଚେଷ୍ଟା କରନ୍ତି ତେବେ ସ୍କ୍ରିନ ରେକର୍ଡ଼ିଂ କିମ୍ବା ସ୍କ୍ରିନସଟ ମାଧ୍ୟମରେ ଏହାର ପ୍ରମାଣ ସେଭ କରନ୍ତୁ। ସୋସିଆଲ ମିଡ଼ିଆରେ ନିଜର ବ୍ୟକ୍ତିଗତ ତଥ୍ୟ ସେୟାର କରନ୍ତୁ ନାହିଁ କିମ୍ବା ଓଟିପି କାହା ସହ ସେୟାର କରନ୍ତୁ ନାହିଁ। ସୋସିଆଲ ମିଡ଼ିଆରେ ନିଜର ଲୋକେସନ ସେୟାର କରନ୍ତୁ ନାହିଁ। ଇମେଲ ମାଧ୍ୟମରେ ଆସୁଥିବା କୌଣସି ଅଜ୍ଞାତ ଲିଙ୍କ ଉପରେ କ୍ଲିକ କରନ୍ତୁ ନାହିଁ। ଏହା ଫିଙ୍ଗ ଆଟାକ ହୋଇପାରେ। ଇଣ୍ଟରନେଟ ବ୍ୟବହାର କରିବା ସମୟରେ ଯଦି କୌଣସି ପ୍ରକାରର ପପ୍ ଅପ୍ ମେସେଜ ଆସୁଛି କିମ୍ବା ଫ୍ଲସ ମେସେଜ ଆସୁଛି, ତେବେ ତାହାକୁ କ୍ଲିକ କରନ୍ତୁ ନାହିଁ। ଯଦି ଆପଣଙ୍କର ବ୍ୟାଙ୍କ କିମ୍ବା କୌଣସି ସଂସ୍ଥାର ନାମରେ କଲ ଆସୁଛି ଓ ଆପଣଙ୍କର ତଥ୍ୟ ବିଷୟରେ ପଚରାଯାଉଛି ତେବେ ନିଜ ପରିଚୟ ଓ ତଥ୍ୟ ବିଷୟରେ କୁହନ୍ତୁ ନାହିଁ। ସେହିପରି ଅନଲାଇନ ବନ୍ଧୁଙ୍କୁ ବିଶ୍ୱାସ କରି ନିଜର ବ୍ୟକ୍ତିଗତ ସୂଚନା ପ୍ରଦାନ କରନ୍ତୁ ନାହିଁ। କୌଣସି ପରିସ୍ଥିତିରେ ଆପଣ ସମ୍ପୂର୍ଣ୍ଣ ରୂପେ ଜ୍ଞାତ ନହୋଇଥିବା ତଥ୍ୟ ଭାଇରାଲ କରନ୍ତୁ ନାହିଁ କିମ୍ବା ଅନ୍ୟ ମାନଙ୍କୁ ଜଣାନ୍ତୁ ନାହିଁ ଏହା ଆପଣଙ୍କ ପାଇଁ ଅସୁବିଧାଜନକ ହେବା ସହ ଦେଶର ଧନଜୀବନ ସୁରକ୍ଷା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ଏ କ୍ଷେତ୍ରରେ ତୁରନ୍ତ ପ୍ରଶାସନ ବିଶେଷକରି ପୋଲିସ ପ୍ରଶାସନର ସହାୟତା କରି ଜଣେ ସୁନାଗରିକ ଭାବେ ନିଜ ଦାୟିତ୍ୱ ନିର୍ବାହ କରନ୍ତୁ।

ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ

# ମନେ ପଡ଼ିବେ ଭାରତର 'ରତନ'

## ଇଂ. ପ୍ରଭାତ କୁମାର ଭୂୟାଁ

୧୪୦ କୋଟି ଭାରତୀୟଙ୍କ ପାଇଁ ଆଜି ଶୋକର ଦିବସ। ଆଉ ନାହାନ୍ତି ଘରେ ଘରେ ପରିଚିତ ଟାଟା ବ୍ରାଣ୍ଡର ମଙ୍ଗୁଆଳ ରତନ ଟାଟା, ଯିଏକି ବ୍ୟବସାୟ ସହିତ ଲୋକଙ୍କ ଦୁଃଖ ବି ବୁଝୁଥିଲେ। ସେମାନଙ୍କ ପାଇଁ ସହାୟତାର ହାତ ବଢ଼ାଉଥିଲେ। ଟାଟାକୁ ଗ୍ଲୋବାଲ ବ୍ରାଣ୍ଡ ଭାବେ ଗଢ଼ି ତୋଳିଥିବା ରତନ ଦୁନିଆରୁ ବିଦାୟ ନେଇଛନ୍ତି। ସେ ଚାଲିଯାଇଛନ୍ତି କିନ୍ତୁ ଛାଡ଼ି ଯାଇଛନ୍ତି ଅନେକ ସଫଳତା ଆଉ ଉପଲବ୍ଧି। ଭାରତର ରତ୍ନ ରତନ ଟାଟାଙ୍କ ଉଦାରତା ସବୁବେଳେ ମନେ ପଡ଼ିବ। ଖାଲି ଦେଶ ମଧ୍ୟରେ ସୀମିତ ନଥିଲା ତାଙ୍କର ଚମକ। ବିଶ୍ୱର କୋଣ ଅନୁକୋଣରେ ନିଜ ବ୍ୟକ୍ତିତ୍ୱର ଛାପ ଛାଡ଼ିଛନ୍ତି ସେ।

ଖାଲି ଲାଭ ନୁହେଁ ଲାଭ ଠାରୁ ବାହାରେ ଥିଲା ରତନ ଟାଟାଙ୍କ ଦୂରଦୃଷ୍ଟି। ସାମାଜିକ ଦାୟିତ୍ୱ ଏବଂ ନିରନ୍ତରତା ନେଇ ସେ ଥିଲେ ଅଙ୍ଗୀକାରବଦ୍ଧ। ୨୦୨୧ରେ ଆଇଆଇଏଫଏଲ ୱେଲଥ ହୁରୁନ୍ ଇଣ୍ଡିଆ ଧନୀ ତାଲିକାରେ ସେ ୪୩୩ ନମ୍ବରରେ ଥିଲେ। ଏହାର କାରଣ ହେଉଛି ଅତି ମାତ୍ରାରେ ଆୟକୁ ଦାନ ଆକାରରେ ପ୍ରଦାନ କରୁଥିଲେ ସେ। ତାଙ୍କ ଫାଉଣ୍ଡେସନ ଟାଟା ଟ୍ରଷ୍ଟ ଭାରତର ଅନ୍ୟତମ ବୃହତ୍ ଦାତବ୍ୟ ସଂସ୍ଥା। ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମୀଣ ବିକାଶ ଏବଂ ନିରନ୍ତର ଜୀବନଶୈଳୀ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପକୁ ସହାୟତା ଲାଗି ଏହି ସଂସ୍ଥା ଟେକ୍ନୋଲୋଜି ସେଣ୍ଟରମାନ ସ୍ଥାପନ କରିଛି। କରୋନା ମହାମାରୀ ବେଳେ ସେ ୫୦୦ କୋଟି ଟଙ୍କା ଦାନ କରିଥିଲେ। ନିଜ ଆଲମା ମାଟର ହାର୍ଭାଡ଼ ବିଜନେସ ସ୍କୁଲକୁ ଏକ ଏକଜିକ୍ୟୁଟିଭ ସେଣ୍ଟର ନିର୍ମାଣ କରିବାକୁ ଦେଇଥିଲେ ୫ କୋଟି ଡଲାର। ଟାଟା ଟ୍ରଷ୍ଟ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏବଂ ବିଭିନ୍ନ ଆଇଆଇଆଇଏମ୍ କ୍ୟାମ୍ପସଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛି। ମୁମ୍ବାଇରେ ୨୬/୧୧ ହମଲା ପରେ ରତନ ଟାଟା ତାଜ ପବ୍ଲିକ ସର୍ଭିସ ୱେଲଫେୟାର ଟ୍ରଷ୍ଟ ଗଠନ କରିଥିଲେ, ଯାହା ପ୍ରଭାବିତ ବ୍ୟକ୍ତିବିଶେଷ ଏବଂ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିଲେ।

ଦେଶରେ ମାତ୍ର କେତେ ଜଣ ଉଦ୍ୟୋଗୀ ଥିବେ ଯେଉଁମାନେ ଦେଶ ପାଇଁ ବଞ୍ଚିଥିବେ ନିଜ ପାଇଁ ନୁହେଁ। ଦେଶ ତଥା ଦେଶବାସୀଙ୍କ ଉନ୍ନତି ଓ ଅଗ୍ରଗତି ପାଇଁ ଯୋଗଦାନ ଦେଉଥିବେ। ଦେଶବାସୀଙ୍କୁ ନିମ୍ନ ସ୍ତରରୁ ଉଠାଇ ସମାଜର ମୁଖ୍ୟସ୍ରୋତରେ ନେବା ପାଇଁ ଆଗଭର ଥିବେ। ସେହିଭଳି ଜଣେ ଉଦ୍ୟୋଗପତି ଥିଲେ ରତନ ଟାଟା। ତାଙ୍କର ସଫଳତାର କାହାଣୀ ଭାରତୀୟ ଅର୍ଥନୀତିରେ ସ୍ପଷ୍ଟ ଦୃଶ୍ୟମାନ। ଅତି ଲାଜକୁଳା ସ୍ୱଭାବର ଥିବା ସେହି ପିଲାଟି ଯେ ଭବିଷ୍ୟତରେ ଟାଟାକୁ ଏକ ଗ୍ଲୋବାଲ ବ୍ରାଣ୍ଡ ଭାବେ ଗଢ଼ି ତୋଳିବ ତାହା କାହାକୁ ଜଣା ନଥିଲା। ଦୁଇ ଦଶନ୍ଧି ଧରି ଟାଟା ଗ୍ରୁପର ଅଧକ୍ଷ ପଦରେ ରହି ସେ ଦେଶର ଅର୍ଥନୀତିରେ ବଡ଼ ମୂଲ୍ୟ ଯୋଡ଼ିଥିଲେ। ଭାରତରେ କୋଣ ଅନୁକୋଣରେ ଟାଟାର ସେବା ଆଉ ସାମଗ୍ରୀ। ଲୁଣଠାରୁ ଆରମ୍ଭ କରି ବିମାନ ସେବା ପର୍ଯ୍ୟନ୍ତ ସବୁଥିରେ ଟାଟା। ଆଉ ଏହା ପଛରେ ଯାହାର ବୃଦ୍ଧି ସେ ଥିଲେ ରତନ ଟାଟା। ବିବାଦ କେବେ ବି ତାଙ୍କ ରାସ୍ତାରେ ଆସିନଥିଲା। ବ୍ୟବସାୟ, ଚତୁରତା, ଦୂରଦୃଷ୍ଟି ଏବଂ ନିଜର ମଜଭୁତ କାର୍ଯ୍ୟ ନୀତିରୁ ସେ ନିଜ ପାରିବାରିକ ବ୍ୟବସାୟକୁ ଏକ ଅନ୍ତରାଷ୍ଟ୍ରୀୟ ସାମ୍ରାଜ୍ୟରେ ରୂପାନ୍ତର କରିଥିଲେ। ତାଙ୍କ କାର୍ଯ୍ୟକାଳରେ ଟାଟା ଗ୍ରୁପର ରାଜସ୍ୱ ହୋଇଥିଲା ବହୁଗୁଣା। ରତନ ଟାଟା ଏଭଳି ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ଭଳି ହେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ବ୍ୟବସାୟରେ ବଡ଼ ନାଁ ସହିତ ଜଣେ ଦାନବୀର ଭାବେ ସେ ପାଇଛନ୍ତି ପରିଚୟ। ଟାଟା ଷ୍ଟିଲ ଜରିଆରେ ସେ ବ୍ୟବସାୟରେ ପାଦ ରଖିଲେ। ଆରମ୍ଭରେ ଜଣେ କର୍ମଚାରୀ ଭାବେ ସେ ଏଥିରେ ଯୋଗ ଦେଇଥିଲେ ଏବଂ ଜାମସେଦପୁର ପ୍ଲାଣ୍ଟରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କଲେ ଏବଂ ବ୍ୟବସାୟକୁ ଆମୂଳଚୂଳ ଜାଣିଲେ। ଟାଟା ଗ୍ରୁପକୁ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଗଢ଼ିବାରେ ରତନ ଟାଟାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଲୁଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଏଫଏମସିଜି ପ୍ରଡକ୍ଟ, ସଫ୍ଟୱେର, କାର, ହୋଟେଲ, କେମିକାଲ, ଇସ୍ପାତ ଏବଂ ବିମାନ ପର୍ଯ୍ୟନ୍ତ ବ୍ୟବସାୟର ଚେର ଲମ୍ବାଇ ସେ ଟାଟା ଗ୍ରୁପକୁ ଏକ ବିଶାଳ ଅଗ୍ରଦୂମ ଭାବେ ଛିଡ଼ା କରିଯାଇଛନ୍ତି। ୧୯୬୨ ମସିହାର କଥା। ଲସ ଏଞ୍ଜେଲସରେ ଥିବା ବେଳେ ଜଣେ ବିଦେଶିନୀଙ୍କ ସହ ରତନଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ବିବାହ ପାଇଁ ଦିନ ସ୍ଥିର ହୋଇଯାଇଥିଲା। କିନ୍ତୁ ଅଚାନକ ଭାରତ-ଚୀନ ଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା। ତେଣୁ ତରୁଣୀଙ୍କ ପିତାମାତା ତାଙ୍କୁ ଭାରତ ଛାଡ଼ି ନଥିଲେ। ରତନ ବାହାଘର ଅଟକି ଯାଇଥିଲା। ବାଧ ହୋଇ ରତନ ତରୁଣୀଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ।

ତାଙ୍କର କିଛି ପ୍ରେରଣାଦାୟୀ କଥା ଆମେ ଉଲ୍ଲେଖ କରୁଛୁ। 'ଲୁହାକୁ କେହି ନଷ୍ଟ କରିପାରେ ନାହିଁ। ଏହା କେବଳ ନିଜର କଳଙ୍କି ଦ୍ୱାରା ନଷ୍ଟ ହୁଏ। ଜଣେ ମଣିଷକୁ କେହି ଧ୍ୱଂସ କରିପାରିବ ନାହିଁ। ତାର ନିଜ ଚିନ୍ତାଧାରା ହିଁ ତାକୁ ବିପଥଗାମୀ କରେ। ଶକ୍ତି ଓ ସମ୍ପତ୍ତି ଭଳି ଦୁଇ ଦିଗ ମୋର ପ୍ରକୃତ ଅଂଶଧନ ନୁହେଁ। ଯଦି ଶୀଘ୍ର ଚାଲିବାକୁ ଚାହାଁନ୍ତି ଏକା ଚାଲନ୍ତୁ। ଯଦି ଦୀର୍ଘ ରାସ୍ତା ଚାଲିବାକୁ ଚାହାଁନ୍ତି ତେବେ ମିଳିତ ହୋଇ ଚାଲନ୍ତୁ। ଲୋକ ଆପଣଙ୍କୁ ମାରୁଥିବା ପଥରକୁ ସଂଗ୍ରହ କରନ୍ତୁ, ଏହାକୁ ନେଇ ଏକ ସ୍ମାରକୀ ବନାନ୍ତୁ। ଯେଉଁମାନେ ସଫଳ ମୁଁ ତାଙ୍କୁ ବେଶ ପ୍ରଶଂସା କରେ। ମାତ୍ର ନିଷ୍ଠୁରତା ଦ୍ୱାରା ଯଦି ଏହି ସଫଳତା ପ୍ରାପ୍ତ କରାଯାଇଥାଏ, ତେବେ ଏହି ପ୍ରଶଂସା ସେତେଟା ରୁହେନି। ଦିନେ ଏୟା ନିଶ୍ଚିତ ଉପଲବ୍ଧି ହେବ ଯେ, ବସ୍ତୁବାଦୀ ହେବା କିଛି ଗୁରୁତ୍ୱ ରଖେନି। ତୁମ ପ୍ରିୟଜନଙ୍କ ଖୁସି ହିଁ ସବୁକିଛି। ସେହିମାନେ ହିଁ ସର୍ବୋତ୍ତମ ଲିଡ଼ର ଯେଉଁମାନେ ନିଜ ଚାରିପାଖରେ ତାଙ୍କ ଠାରୁ ଅଧିକ ବୃଦ୍ଧିମାନ ସହଯୋଗୀ ରଖିଥାନ୍ତି। ମୁଁ କର୍ମ ଏବଂ ଜୀବନ ମଧ୍ୟରେ ସନ୍ତୁଳନ ଉପରେ ବିଶ୍ୱାସ କରେନି। କର୍ମ ଓ ଜୀବନ ମଧ୍ୟରେ ସଂଯୋଗ ଉପରେ ମୋର ବିଶ୍ୱାସ। ଜୀବନ ଓ କର୍ମକୁ ଏଭଳି ପରିବର୍ତ୍ତନ ଏବଂ ଅର୍ଥପୂର୍ଣ୍ଣ ବନାନ୍ତୁ ଯାହା ଉଭୟ ଉଭୟକୁ ସହଯୋଗ କରିବ। ସବୁଠାରୁ ବଡ଼ ରିସ୍କ ହେଉଛି ରିସ୍କ ନ ନେବା। ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଯଦି ରିସ୍କ ନ ନେବା ତେବେ ଏହା ବିଫଳତା ଲାଗି ଗ୍ୟାରେଣ୍ଟି ହେବ। ଆହ୍ୱାନକୁ ସାମ୍ନା କରିବା ଲାଗି ନିରନ୍ତର ଲାଗି ରୁହନ୍ତୁ। ଏହା ସଫଳତା ଆଡ଼କୁ ମାର୍ଗ ପ୍ରସ୍ତୁତ କରେ। ଅନ୍ୟ ସହ କଡା ହେବାବେଳେ ଦୟା, କ୍ଷମା ଓ ଉଦାରଶୀଳତାର ଶକ୍ତିକୁ କେବେ ସର୍ବଦା ମନେ ରଖିବା ଉଚିତ। ସବୁବେଳେ ଏକ ଆରମ ଜୀବନ ମିଳିବନି। ସବୁ ସମସ୍ୟା ସବୁବେଳେ ସମାଧାନ କରି ହେବନି। ତେବେ ନିଜକୁ କେବେ ବି ହୀନ ଭାବିବା ଅନୁଚିତ। ଇତିହାସ ଏହା ଶିଖାଇଛି ଯେ, ଜୀବନରେ ସାହାସ ଏବଂ ଆଶା ଆମକୁ ଆଗକୁ ବଢ଼ାଇଥାଏ। ନେତୃତ୍ୱ ସର୍ବଦା ଉତ୍ତରଦାୟୀ ହେବାରେ ଥାଏ। ଭାରତର ଅସୀମ ସମ୍ଭାବନାକୁ ନେଇ ସର୍ବଦା ଆଶାବାଦୀ ଭାରତ ଏକ ମହାନ ଦେଶ। ଲୋକମାନେ ଏବେ ବି ଏୟା ବିଶ୍ୱାସ କରନ୍ତି ଯେ, ସେମାନେ ଯାହା କିଛି ବି ପଢୁଛନ୍ତି ତାହା ନିଶ୍ଚିତ ପକ୍ଷେ ସମ୍ପୂର୍ଣ୍ଣ ଭାବେ ସତ୍ୟ। ମୁଁ ଠିକ ନିଷ୍ପତ୍ତି ନେବା ଉପରେ ବିଶ୍ୱାସ ରଖେନି। ମୁଁ ନିଷ୍ପତ୍ତି ନିଏ ତାକୁ ଠିକ କରି ଦେଖାଏ। ମୁଁ ଏଭଳି ଜଣେ ବ୍ୟକ୍ତିଙ୍କୁ ଅନୁସରଣ କରୁଛି ଯାହାଙ୍କ ଜୋତା ବହୁତ ବଡ଼। ସେ ବହୁତ ବଡ଼ ଐତିହ୍ୟ ଛାଡ଼ି ଯାଇଛନ୍ତି। ମୁଁ କେବଳ ତାକୁ ଅନୁସରଣ କରୁଛି। ମୋତେ କେତେ ସମାଲୋଚନା କଲେ ଟାଟା ମୋଟର୍ସ ଏବଂ ଟାଟା ଷ୍ଟିଲରେ ଅଂଶଧନରେ ମୁଁ କେବେ ଅଂଶଧନ ବିକିବି ନାହିଁ।'



ତାଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହେବ ଏବଂ ସେ ଆମ ହୃଦୟରେ ବଞ୍ଚି ରହିବେ। ଶିଳ୍ପ ପରିଦୃଶ୍ୟ ଠାରୁ ଆଗକୁ ଯାଇ ସେ ଆରମ୍ଭ କରିଥିବା ପ୍ରତ୍ୟେକଟି କାର୍ଯ୍ୟ ଭାରତୀୟଙ୍କ ଜୀବନକୁ ସମୃଦ୍ଧ କରିଛି। ତାଙ୍କ ଦର୍ଶନ, ନମ୍ରତା ଓ କରୁଣା ଶିଳ୍ପ ଓ ଜୀବନକୁ ସମାନ ଭାବରେ ବଦଳାଇ ଦେଇଥିଲା। ତାଙ୍କ ପରମ୍ପରା ନୂଆ ପିଢ଼ୀକୁ ପ୍ରେରଣା ଯୋଗାଇବ। ରତନ ଟାଟାଙ୍କ ଦୂରଦର୍ଶୀ ନେତୃତ୍ୱ କେବଳ ଟାଟା ଗ୍ରୁପକୁ ଆକାର ଦେଇନାହିଁ ବରଂ ନୈତିକ ବ୍ୟବସାୟ ଅଭ୍ୟାସ ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ମଧ୍ୟ ସ୍ଥାପିତ କରିଛି। ରାଷ୍ଟ୍ର ନିର୍ମାଣ, ଉଦ୍ଭାବନ ଓ ପରୋପକାର ପ୍ରତି ତାଙ୍କର ନିରନ୍ତର ସମର୍ପଣ ଏକ ଅବିସ୍ମରଣୀୟ ଛାପ ଛାଡ଼ି ଯାଇଛି। ତାଙ୍କଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର।

ସହକାରୀ ଇଞ୍ଜିନିୟର, ଭିସା ଷ୍ଟିଲ, କଳିଙ୍ଗନଗର,
ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ,
ମୋ: ୯୯୩୭୬୬୯୮୮୭





## ହଜିଗଲେ ଦୂରେ

### ତୃପ୍ତିରାଣୀ ପାତ୍ର



ଆପଣ କ'ଣ ହଜିଗଲେ ସତରେ
ଆମଠାରୁ ଦୂରେ ବହୁଦୂରେ
ଲାଗୁଛି ଯେମିତି ଆପଣ ଅଛନ୍ତି
ଏଇ ଆମ ସମସ୍ତଙ୍କ ଅତି ନିକଟରେ ।
ରତନ ନାଭାଲ ଟାଟା ଅମର ରହେ
ଅମର ରହେ ଧ୍ୱନି ପ୍ରତିଧ୍ୱନିରେ
ପ୍ରକମ୍ପିତ ଭାରତ ଆଉ ଭାରତ
ବାହାରେ
ସାରା ବିଶ୍ୱ ଅଙ୍ଗନରେ ।
ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ
ଏହା ଧ୍ରୁବସତ୍ୟ ବିଶ୍ୱାସ କରିବାକୁ
ପଡ଼େ
ହଜିଗଲେ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ
ରତନ ନାଭାଲ ଟାଟା ଶିଳ୍ପ ରତ୍ନଟିଏ
ମାଟି ମା କୋଳେଇ ନେଲା
ତା'ର ପ୍ରିୟ ସନ୍ତାନକୁ କେତେ
ଆଦରରେ
ହଜାର ହଜାର କମ୍ପାନୀ ଗୁଡ଼ିକର
ମହାନ ନେତୃତ୍ୱ ନେଉଥିଲେ ।
ଗଢ଼ି ଦେଇଥିଲେ କେତେ ଅସଂଖ୍ୟ
ଶିଳ୍ପ
ମହତ ଉଦ୍ଦେଶ୍ୟରେ
କେତେ ଯୁବକ ଯୁବତୀଙ୍କୁ ନିଯୁକ୍ତି
ଦେଇଥିଲେ ଅନାୟାସରେ
ସାରା ଭୁବନରେ
ଶିଳ୍ପ ରତ୍ନ ଆଜି ହଜିଗଲେ ସତରେ ।
ଜୀବନର ଅର୍ଥ ବୁଝି ବୁଝାଇବା
ଭିତରେ
ତାଙ୍କ ଯୌବନଟା ହଜିଗଲା କାହିଁ
ଦୂରେ ବହୁଦୂରେ ଦୂର ଦିଗ୍
ବଳୟରେ
ଦେଇଗଲେ ଅନେକ ଯନ୍ତ୍ରଣା
ଅନେକଙ୍କୁ ଏକାନ୍ତରେ
ତଥାପି ପଛଘୁଞ୍ଚା ନଥିଲା ତାଙ୍କ
ହୃଦୟରେ ।
ମହାନ ବ୍ୟକ୍ତିବିଶେଷ ମଧ୍ୟରେ
ରତନ ଟାଟା ଥିଲେ ଦୟାର ଅବତାର
ଅମାବାସ୍ୟାର ପୂର୍ଣ୍ଣିମା ଚାନ୍ଦ ସିଏ
ବୃତ୍ତିକୁ ନିଶାରେ ପରିଣତ
କରିଦେଇଥିଲେ ନିଜ ମନ ଆଉ
ପ୍ରାଣରେ
କି ଯାଦୁ ଭରି ରହିଥିଲା ସତରେ
ତାଙ୍କ ଚିନ୍ତା ଚେତନାରେ ।
ସାରା ଭାରତ ଦେଶ ଆଉ ବିଶ୍ୱ
ଦରବାରେ
ପ୍ରତ୍ୟେକ ଜଣ ଆଜି ସଂଜ୍ଞାହୀନ
ଭାବରେ
ଝୁରୁଛନ୍ତି ଝୁରୁଥିବେ ନିତି ନିଜ ଅନ୍ତର
ଆତ୍ମାରେ ।
ହୃଦ ବିଦାରକ ଥିଲା ଏହି ମୁହୂର୍ତ୍ତ
ସତରେ
ବହୁଚର୍ଚ୍ଚିତ ତାଙ୍କ ଯଶ ଖ୍ୟାତି
କିଏ ଅବା ମନୁ ଭୁଲି ଯାଇପାରେ
ଶିଳ୍ପାୟନ କ୍ଷେତ୍ରରେ ଥିଲେ ଅତୀବ
ଶୀର୍ଷରେ
ସଭିଙ୍କ ଶ୍ରଦ୍ଧା ଭରି ରହିଥିଲା ତାଙ୍କରି
ଉପରେ
ସତେକି ସେ ଥିଲେ ପୁନେଇ ଜହ୍ନ
ଏଇ ଆମ ଭାରତ ବର୍ଷରେ
ନିଯୁକ୍ତି ଲଭିଥିବା ଯେତେକ ଯୁବକ
ଯୁବତୀ ଥିଲେ ତାଙ୍କ ସୁନେଲି
ଜୋଛନାରେ ଅନୁପ୍ରାଣିତ ସତରେ ।
ଉଣେଇଶି ଶହ ସଇଁତିରିଶି ମସିହାରେ
ଯୋଗଜନ୍ମା ରୂପେ ଜନ୍ମିଥିଲେ ଏ
ଭାରତ ଅଙ୍ଗନରେ
ବୁଦ୍ଧିଜ୍ଞାନ ପରିପୂର୍ଣ୍ଣ ଭଣ୍ଡାର ଘରିଆ
ଥିଲେ ସତରେ ।
ଛୟାଅଶି ବର୍ଷ ଅତିକ୍ରାନ୍ତ ପରେ
ନୀରବେ ନୀରବି ଗଲେ ନିର୍ବିଶେଷରେ
ସେଥିପାଇଁ କେତେ ପାରଦର୍ଶୀ ଦେଖାଇ
ଦେଇଗଲେ ନିଜ ବୁଦ୍ଧି ଜ୍ଞାନ ବଳରେ
ଲାଭକ୍ଷତି ସହିବାକୁ ପଡ଼ିଥିଲା ଅନେକ
ଥର ତାଙ୍କ ବ୍ୟବସାୟରେ
ଆଉ କୋଭିଡ୍ ସମୟର କଥା କହିଲେ
ନସରେ
ତଥାପି କିପରି କେମିତି ଶକ୍ତି ସାମର୍ଥ୍ୟ
ଭରି ରହିଥିଲା ତାଙ୍କରି ପାଶରେ
କ୍ଷତିଗ୍ରସ୍ତ ହୋଇ ମଧ
କାହାରିକୁ କାର୍ଯ୍ୟରୁ ନିବୃତ୍ତ କରି
ନଥିଲେ ସେ ମହାନୁଭବ ମାନବ ରୂପୀ
ଈଶ୍ୱର ଥିଲେ ସତରେ
ଏଥିରୁ ଜଣାଯାଏ ସ୍ୱନାମ ଧନ୍ୟ
ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ରତନ ନାଭାଲ
ଟାଟାଙ୍କର ହୃଦୟ କେଡ଼େ ବିଶାଳ
ନଥିଲା ସତରେ ।
ଦୟା କରୁଣାର ସାଗର ଥିଲେ ସିଏ
ନିଜ ଆୟର ଶତକଡା ଛଅଷଠିରୁ
ଅଧିକ ଦେଉଥିଲେ ଦାନ ଧର୍ମ କର୍ମରେ
କମ୍ପାନୀର ସମସ୍ତ କାର୍ଯ୍ୟ ଖୁବ୍ ଚତୁରତା
ସହକାରେ ସମ୍ପାଦନ କରୁଥିଲେ ।
ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ
ସମସ୍ତଙ୍କ ପ୍ରିୟ ମଣିଷଟି ହୋଇ
ପାରିଥିଲେ ସିଏ ଏହି ମହୀ ମଣ୍ଡଳରେ।
ଜୀବେ ଦୟା ଭରିରହିଥିଲା
ତାଙ୍କରିଠାରେ
ପ୍ରମାଣ ପୋଷା କୁକୁର ଗୋଆର
ପ୍ରେମରେ
ଧନୀ ଶ୍ରେଣୀର ବ୍ୟକ୍ତିଙ୍କ ଭିତରେ
ପଛରେ ନ ଥିଲେ ସିଏ
ହେଲେ ତାଙ୍କ ମହାନ ମାନବିକତା ଥିଲା
ବହୁତ ଆଗରେ ଦାନ ଧର୍ମରେ
ଆଉ ଅନ୍ୟ ଧନୀମାନି ସମସ୍ତେ ଥିଲେ
ତାଙ୍କଠାରୁ ବହୁତ ପଛରେ ।
ଶିଳ୍ପାୟନ କ୍ଷେତ୍ରରେ ଧୂରୀଣ ସ୍ରଷ୍ଟାର
ଜନକ ଥିଲେ ସିଏ
ଶିଳ୍ପର ଉନ୍ନତି ପଥରେ ଦିଗଦର୍ଶକ
ବିଜ୍ଞାଣି ଥିଲେ ଏ ବିଶ୍ୱରେ
ଟାଟାକୁ ବିରାଟ ବ୍ରାଣ୍ଡରେ ପରିଣତ
କରିପାରି କର୍ମ ସାଧକ ସାଜି ଥିଲେ
ସିଏ।
ବଜାରକୁ ସବୁଠାରୁ କମ୍ ଶସ୍ତା ମୂଲ୍ୟର
ନାନୋ କାର୍ ଆଣି ଦେଇଥିଲେ
ନିଜ ପ୍ରଚେଷ୍ଟା ଫଳରେ
କମ୍ ମୂଲ୍ୟରେ ଉପଲବ୍ଧ ହୋଇଥିଲା
ମଧ୍ୟବିତ୍ତ ଶ୍ରେଣୀ ସମସ୍ତ ଜନତାଙ୍କ
ଉଦ୍ଦେଶ୍ୟରେ ।
ଅର୍ଥ ଉପାର୍ଜନ ନିଶାଠାରୁ ଥିଲେ
ବହୁ ଦୂରରେ
ମାତ୍ର ସମାଜର ହିତ ସାଧନରେ
ମନପ୍ରାଣ ଥିଲା ଶତ ପ୍ରତିଶତ
ହୃଦୟରେ
ସେହି ଦିନ ସେ ଶିଶୁଟି ହୃଦୟରେ
ଭରି ଦେଇଥିଲେ ଆନନ୍ଦ କେତେ
ଏଣୁ ସେ ଚାହିଁ ରହିଥିଲା ତାଙ୍କ
ଚେହେରାକୁ ଭଲ ଭାବରେ
ଭେଟିବ ନିଶ୍ଚୟ ସେଦିନ ସେ ସ୍ୱର୍ଗରେ
ପୁଣି ଚିହ୍ନିବ ହରଷ ମନରେ
ଅରପି ଦେବ ସେ କୃତଜ୍ଞତା ଅର୍ଘ୍ୟ
ଆନନ୍ଦ ଉଲ୍ଲାସ ମନେ ସେଠାରେ ।
ତେଣୁ ସମସ୍ତଙ୍କ ପ୍ରିୟ ମଣିଷ ହୋଇ
ପାରିଥିଲେ ସେ ଭାରତ ଓ ସାରା
ବିଶ୍ୱରେ ।
ଭାରତ ରତ୍ନ ତୁମେ ରତନ ନାଭାଲ
ଟାଟା
ଶତ ଶତ ଜୀବନ ହସାଉ ଥିଲ
କେତେ
କୂଟନୀତିଠାରୁ ଥିଲେ ସିଏ
ବହୁଦୂରରେ ।
ଶତ ସହସ୍ର ଶ୍ରଦ୍ଧାଞ୍ଜଳି ଜଣାଏ ମୁଁ
ମୋ ଏହି ଶବ୍ଦ ସମ୍ଭାରରେ
ଚିର ନମସ୍ୟ ହେ ଭାରତ ରତନ
ନାଭାଲ ଟାଟା
ଆପଣ ଫେରିଆସ ଫେରିଆସ
ଆଉଥରେ ଆମ ଭାରତ ମାଟିମା
ଅଙ୍ଗନରେ ।
ସମ୍ମାନିତ ପଦ୍ମ ଭୂଷଣ, ପଦ୍ମ
ବିଭୂଷଣ ସମ୍ମାନରେ ଆପଣା ନାମର
ସୁଯଶ ବିଶେଷତା ଦର୍ଶାଇ ହଜିଗଲ
କାହିଁ କେତେ ସୁନ୍ଦର ଭାବରେ
ପ୍ରତିପାଦିତ କରିଦେଲ ଏ ଧରା
ଧାମରେ
ଆପଣ ପ୍ରକୃତ ରତ୍ନ ସତେ ଏ
ଦେଶରେ ।

+ସହଦେବଖୁଣ୍ଟା,ବାଲେଶ୍ୱର








# ନଈ ପହଁରା



## ପ୍ରଦ୍ୟୁମ୍ନ ପଟ୍ଟନାୟକ



ଗାଆଁ ପାଖ ସହରରେ ଛାତ୍ରାବାସରେ ରହି ପାଠ ପଢୁଥିବା ମଣ୍ଟୁ ଦଶହରା ଛୁଟିରେ ଆସିଥାଏ ଗାଆଁକୁ । ଗାଆଁରେ ଜେଜେଙ୍କ ସହ ସବୁଦିନ ଯାଏ ନଦୀକୁ ଗାଧୋଇବାକୁ । ଗାଆଁ କଡ଼ ଦେଇ ବହି ଯାଉଛି ବୈତରଣୀ ନଦୀ । ବଢ଼ି ନଥିଲେ ବି ନଦୀରେ ଭରା ପାଣି । ସେଥିରେ ଗାଆଁର କେତେ ପିଲା ଗାଧୋଇବା ସହ ପହଁରୁ ଥାଆନ୍ତି । ମଣ୍ଟୁର ବି ଇଚ୍ଛା ହେଲା ସେମିତି ପହଁରିବାକୁ । ପହଁରି ପହଁରି ଗଭୀର ଜଳକୁ ଯାଇ ପୁଣି କୂଳକୁ ଫେରି ଆସିବାକୁ । ସିଏ କିନ୍ତୁ ପହଁରା ଶିଖି ନଥାଏ ।

ମଣ୍ଟୁର ମନକଥା ଜାଣି ଜେଜେ କହିଲେ, 'ନଈ କୂଳିଆ ପିଲା ତୁ ପହଁରା ଶିଖିବା ଆବଶ୍ୟକ । କିନ୍ତୁ ଗଭୀର ଜଳକୁ ଯିବା ପୂର୍ବରୁ ମୁଁ ତୋତେ ଅଳ୍ପ ପାଣିରେ ଆଗ ପହଁରା ଶିଖାଇ ଦେବି । ତା' ପରେ ତୁ ଅଭ୍ୟାସ କରି ଅଭ୍ୟସ୍ତ ହେବା ପରେ ଗଭୀର ଜଳକୁ ଯିବା ପାଇଁ ଚେଷ୍ଟା କରିବୁ ।'

ଦଶହରା ଛୁଟି ଭିତରେ ଜେଜେ ମଣ୍ଟୁକୁ କେତେ ପ୍ରକାର ପହଁରା ଶିଖାଇ ଦେଲେ । ଜେଜେଙ୍କଠାରୁ ମଣ୍ଟୁ ସାଧାରଣ ପେଟେଇ ପହଁରିବା ବ୍ୟତୀତ ଠିଆ ପହଁରା, ଚିତି ପହଁରା, ବୁଡା ପହଁରା ଆଦି ବିଭିନ୍ନ କୌଶଳ ଶିଖାଇ ଦେଲେ । ଛୁଟି ପରେ ମଣ୍ଟୁ ସ୍କୁଲକୁ ଫେରିବା ପୂର୍ବରୁ ଜେଜେ ତାକୁ ପହଁରା ଶିଖିବା ଏବଂ ପହଁରିବାର ଉପକାରିତା ବିଷୟରେ ବୁଝାଇ କହିଲେ ।

ସନ୍ତରଣ ଗୋଟିଏ ଭଲ ବ୍ୟାୟାମ । ନିୟମିତ ସନ୍ତରଣ କଲେ ଅଙ୍ଗପ୍ରତ୍ୟଙ୍ଗ ସତେଜ ରହିବା ସହ ମାଂସପେଶୀ ମଜଭୂତ ହୁଏ । ମେଦ ବହୁଳତା ଦୂର ହୁଏ ଯାହା ଆଜି କାଲି ଅନେକ ପିଲାମାନଙ୍କ କ୍ଷେତ୍ରରେ ଦେଖା ଦେଉଛି । ନିୟମିତ ସନ୍ତରଣ କଲେ ନିଶ୍ୱାସ ପ୍ରଶ୍ୱାସ ଜନିତ ବେମାରି ଠିକ ହେବା ସହ ହୃତପିଣ୍ଡ ସୁସ୍ଥ ରହିଥାଏ । କେତେକଙ୍କ ପାଇଁ ସନ୍ତରଣ ମଧ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ମୂଳକ ଖେଳ । ତା' ବ୍ୟତୀତ ପିଲାବେଳୁ ସନ୍ତରଣ ଶିଖିଥିଲେ ବର୍ଷା ବାତ୍ୟା ବଢ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜର ରକ୍ଷା କରିବା ସହିତ ଅନ୍ୟ ମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସହାୟକ ହୋଇଥାଏ । ସନ୍ତରଣ ଶିଖିଥିବାରୁ ଆମ ରାଜ୍ୟ ସହ ଅନ୍ୟ ରାଜ୍ୟମାନଙ୍କରୁ କେତେ ପିଲା ଗଭୀର ଜଳରୁ ଅନ୍ୟର ଜୀବନ ବଞ୍ଚାଇ ପୁରସ୍କୃତ ହୋଇଛନ୍ତି । ଆମ ଦେଶର ରାଜଧାନୀ ଦିଲ୍ଲୀରେ ସବୁବର୍ଷ ଗଣତନ୍ତ୍ର ଦିବସରେ ସାହସିକତା ପାଇଁ ଏପରି ପିଲାମାନଙ୍କୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଏ ।

ଏଥିସହିତ ଜେଜେ ମଣ୍ଟୁକୁ ବୁଝାଇ କହିଲେ ଯେ ସନ୍ତରଣ କରିବା ସମୟରେ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଅଜଣା ନଈ ପୋଖରୀର ଗଭୀର ଜଳକୁ କିମ୍ବା ସମୁଦ୍ରରେ ବିପଦ ପୂର୍ଣ୍ଣ ସ୍ଥାନକୁ ଚାଲି ଯିବା ଠିକ୍ ନୁହଁ । ନଦୀ ନାଳର ଜଳ ଭଉଁରୀ ଏବଂ ସମୁଦ୍ରର ଜୁଆରିଆ ଲହରୀ ବିପଦପୂର୍ଣ୍ଣ ହୋଇଥାଏ । ସେଥିରେ ବୁଡ଼ି ଯିବା କିମ୍ବା ଭାସି ଯିବାର ଭୟ ଥାଏ ।

ଦଶହରା ଛୁଟି ସରିବା ବେଳକୁ ମଣ୍ଟୁ ଜେଜେଙ୍କ ପାଖରୁ ସନ୍ତରଣ ଶିଖିବା ସହ ସାବଧାନତା ବିଷୟରେ ଜାଣି ନେଇଥିଲା ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଆଳସ୍ୟ ଦୁଃଖର କାରଣ

## ସନ୍ତୋଷ କୁମାର ଅଦାବର

ଗୋଟିଏ ଘରେ ବିଲେଇଟିଏ ରହୁଥାଏ । ତା'ର ଯୋଗୁଁ ସେ ଘରକୁ ଆଦୌ ମୂଷା ଆସୁ ନ ଥାନ୍ତି । ତେଣୁ ମୂଷା ମାନଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତି ସେ ଘରେ ହେଉ ନ ଥାଏ । ସେଥିପାଇଁ ସେ ବିଲେଇକୁ ସେ ଘରର ସମସ୍ତ ସଦସ୍ୟ ଖୁବ୍ ଆଦର କରୁଥା'ନ୍ତି । ଠିକ୍ ଭାବରେ ଖାଇବାକୁ ପାଇ ସେ ହୃଷ୍ଟପୁଷ୍ଟ ଦେଖାଯାଉଥାଏ ।


ଏମିତି ଅନେକ ଦିନ ବିତିଗଲା । ତା'ର ଭୟରେ ସେ ଘରକୁ ମୂଷା ଆସୁ ନ ଥିବାରୁ ସେ ନିଜେ ଅଚିନ୍ତା ରହିଲା । କେବଳ ଖାଇ ଖାଇ ସେ ଅଳସୁଆ ହୋଇଗଲା । ଦିନେ ସେ ଘରକୁ ଗୋଟିଏ ମୂଷା ସାହସ ଜୁଟାଇ ଆସିଲା । ଦେଖିଲା ବିଲେଇଟି ଆରାମରେ ଶୋଇଛି । ମୂଷାଟି ଚୁପଚାପ ଲୁଚି ଲୁଚି ଭଣ୍ଡାର ଘରକୁ ଗଲା । ନିଜ ପେଟ ଭର୍ତ୍ତିକରି ଖାଇଲା । ଏମିତି ତିନି ଚାରି ଦିନ ସେ ମୂଷାଟି ଆସିଲା ପରେ ତା'ର ସାଙ୍ଗରେ ଆହୁରି ଦୁଇଟି ମୂଷା ଆସିଲେ । ସେମାନେ ମଧ୍ୟ ପେଟ ପୂରା ଖାଇ ସାରି ଅନ୍ୟାନ୍ୟ ଜିନିଷ କାଟି ନଷ୍ଟ କଲେ । ଭୋର ସକାଳରୁ ସେମାନେ ବିଲେଇଠାରୁ ବଞ୍ଚିବା ପାଇଁ ଲୁଚି ପଳାଇ ଯାଉଥିଲେ । ଏ ସବୁ କଥାକୁ ବିଲେଇ ଆଦୌ ଜାଣିପାରୁ ନ ଥିଲା ।

କିଛି ଦିନ ପରେ ସେ ଘରର ଲୋକେ ମୂଷାଙ୍କ ଆସୁଥିବା କଥା ଏବଂ ଜିନିଷପତ୍ର ନଷ୍ଟ କରୁଥିବା କଥା ଜାଣି ପାରିଲେ । ସମସ୍ତେ ଭାବିଲେ ଏ ବିଲେଇଟା ଅଳସୁଆ ହେଇଗଲାଣି ବୋଧହୁଏ । ତେଣୁ ସେ ମୂଷାମାନେ ଆସୁଥିବା କଥା ଜାଣି ପାରୁ ନାହିଁ । ସେହିଦିନ ସେ ଘରର ସମସ୍ତେ କିଛିଦିନ ପାଇଁ ବାହାରକୁ ବୁଲିବା ପାଇଁ କବାଟ ଝରକା ବନ୍ଦ କରିଗଲେ । ଗୋଟିଏ ଭଙ୍ଗା ଝରକା ବାଟରେ ସେ ଯାଆ ଆସ କରୁଥାଏ । ଦିନେ କି ଦୁଇଦିନ ସେ କଷ୍ଟରେ ଖାଇବା ପାଇକି ଦିନ କାଟିଲା । ଖାଦ୍ୟ ଖୋଜିକି ଖାଇବାର ଅଭ୍ୟାସ ଛାଡ଼ିଦେଇଥିଲା । ତେଣୁ ତାକୁ ବହୁତ କଷ୍ଟ ଲାଗୁଥାଏ । ଦିନେ ସନ୍ଧ୍ୟାରେ ସେ ଘରେ ଖାଦ୍ୟ ଖୋଜୁଥିବା ବେଳେ ମୂଷାମାନେ ଥିବାର ଜାଣି ପାରିଲା । ଗୋଡ଼େଇ ଗୋଡ଼େଇ ସେ ମୂଷାମାନଙ୍କ ମଧ୍ୟରୁ ଦୁଇଟା ମାରି ଖାଇଲା । ପୂର୍ବ ଭଳି ସେ ଶିକାର କରି ପାରିଲା । ସେ ଘରେ ଖାଇବା ଅପେକ୍ଷା ଏ ଘର ସେ ଘର ହୋଇ ମୂଷା ତଥା ଅନ୍ୟାନ୍ୟ ଖାଦ୍ୟ ଖାଇ ବଞ୍ଚିଲା ।



କିଛି ଦିନ ପରେ ସେ ଘରର ସଦସ୍ୟମାନେ ବୁଲିକି ଆସିବା ପରେ ଦେଖିଲେ ବିଲେଇଟି ଘର ବାରଣ୍ଡାରେ ବସିଛି । ଆଗ ଭଳି ନ ଥିଲା ; କିନ୍ତୁ ସୁସ୍ଥ ସବଳ ଥିଲା । ଦେଖିବାକୁ ଚଞ୍ଚଳ ଥିଲା । ଅଳସୁଆ ନ ଥିଲା । ମ୍ୟାଉ ମ୍ୟାଉ କରି ତା'ର ଖୁସି ଥିବା ଭାବକୁ ସେ ପ୍ରକାଶ କରୁଥିବାର ସେ ଘରର ସଦସ୍ୟମାନେ ସ୍ୱଷ୍ଟ ବୁଝି ପାରୁଥିଲେ । ମୂଷାଙ୍କ ଉପଦ୍ରବ ବି ସେମାନେ ଆଉ ଦେଖିଲେ ନାହିଁ । ଏଥର ବିଲେଇଟି ବୁଝି ପାରିଲା ଯେ ଖାଇ ଖାଇକରି ଅଳସୁଆ ହୋଇ ରହିଲେ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ତୁଲାଇବାରେ ଅବହେଳା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ନିଜ ଉପରକୁ ଅନେକ କଷ୍ଟ ଆସିଥାଏ । ସେଦିନଠୁ ସେ ପୂର୍ବ ଭଳି ସେଇ ଘରେ ରହିଲା ଏବଂ କର୍ମ ତତ୍ପର ହେଲା ।

+ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮



କବିତା
ତୁମ ପାଇଁ

### ନଥିବ ଗ୍ରୀଷ୍ମ ଡର...

**ରାମଚନ୍ଦ୍ର ବେହେରା**

ମଣିଷ କରେ ଜଂଗଲ ଧ୍ୱଂସ
ଗଢଇ କାରଖାନା
ବୃକ୍ଷଂକ ବିନା ଅମଳଜାନ
ହେଉଛି ଆଜି ଊଣା
ବଢୁଛି ପ୍ରଦୂଷଣ
ବାୟୁମଣ୍ଡଳେ ଜଳୀୟ ବାଷ୍ପ
ଘଟୁଛି ରାତି ଦିନ ।

ଗ୍ରୀଷମ ଦିନେ ତାପ ବଢୁଛି
ବହୁଛି ଝାଂଜି ବାଆ
ସଠିକ ବର୍ଷା ହେଉନି ଆଜି
କାନ୍ଦେ ଧରଣୀ ମାଆ
ହୁଏ ଫସଲ ହାନି
କୃଷକ ଭାଇ ଜଳ ଅଭାବେ
ନପାରେ ବୀଜ ବୁଣି ।

ବନ୍ୟା ମରୁଡି ଅଦିନ ବାତ୍ୟା
ମାଡି ଆସୁଛି ଆଜି
ହିତ ବଦଳେ ଆସୁଛି ସିଏ
ପରମ ଶତ୍ରୁ ସାଜି
ତାପ ସାଜୁଛି କାଳ
ମେରୁ ବରଫ ତରଳି ଆଜି
ଖାଏ ସମୁଦ୍ର କୂଳ ।

ଗଛ ଓ ଲତା କରନ୍ତି ହିତ
ଆସ ସଭିଏଁ ମିଳି
ଚାରା ଲଗାଇ ବଣ ଗଢିବା
କରିବା ନାହିଁ ଡେରି
ପ୍ରକୃତି ହେବ ସ୍ଥିର
ବରଷା ଶୀତ ଆସିବେ ପୁଣି
ନଥିବ ଗ୍ରୀଷ୍ମ ଡର ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୫୩୪୬

### ଆଜି ଦିନରେ ବି

**ଧ୍ରୁବ ଚରଣ ଘିବେଲା**

ଏଠି ସେଠି ନୁହେଁ
ପ୍ରାୟତଃ ସବୁଠି
ବୁଲୁଥାନ୍ତି କେତେ ପିଲା
ବଡ଼ ପିଲାଟିଏ
କାଖେଇକି ଥାଏ
ତା'ଠୁ ସାନ ପିଲା ।

ଦୋକାନ ବଜାର
ସଡ଼କ ଉପର
ସବୁଠାରେ ଦେଖାଯା'ନ୍ତି
ଯାହାକୁ ଦେଖନ୍ତି
ହାତ ପତେଇକି
ଯାହା ହେଲେ ମାଗିଥା'ନ୍ତି ।

ଯଦି କେ ବିଚାରେ
ଟଙ୍କେ ଅଧେ ଦିଏ
ନ ହେଲେ କିଛି ବି ନାହିଁ
ଦୋକାନରେ ଥୁଆ
ଖାଦ୍ୟ ଦରବକୁ
ବିକଳେ ଥା'ନ୍ତି ଅନେଇ ।

ଗୋଟିଏ ପାଖରେ
ଅଭାବିତ ଦୃଶ୍ୟ
ଆଖି ଆଗେ ଭାସୁଥାଏ
ଆ' ଗୋଟେ ପାଖରେ
(ପୂଜା)ମଣ୍ଡପ କଡ଼ରେ
ନାଚ ଗୀତ ଚାଲିଥାଏ ।

କିଏ ଖାଉଥାଏ
ଗୁପଚୁପବାଲାଠୁ
ଗୋଟାକୁ ଗୋଟା ଗୁପଚୁପ
ଅନତିଦୂରରୁ
ଭୋକିଲା ଆଖିରେ
ଦେଖେ କିଏ ଚୁପଚାପ ।

ଦେଖିଥା'ନ୍ତି ସିନା
ଖାଇ ପାରନ୍ତିନି
ଯେହେତୁ ସେମାନେ ଗରିବ
ବୁଝିବା ଲୋକ ହିଁ
ଥରେ ବୁଝିଗଲେ
ଡାକି ତାଙ୍କ ଦୁଃଖ ହରିବ ।


ଦିଅଁପୂଜାଠାରୁ
ମଣିଷର ପୂଜା
ଅସଲ ଦେବତା ପୂଜା
ଆନକୁ ଦେବାରେ
ଆନନ୍ଦ ତହିଁରେ
ସୁନ୍ଦର ଦେବାର ମଜା ।

ଆଜି ଦିନରେ ବି
ରହିଛି ଗରିବୀ
ଜାଣିବା ଦେଖି ପରଖି
ସାହାଯ୍ୟ କରିବା
ହାତ ଟେକି ଦେବା
ତାଙ୍କ ଗରିବୀକୁ ଦେଖି ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### କାଠହଣା ଚଢେଇ

**ଅରୁଣ କୁମାର ପଣ୍ଡା**



ଠକ ଠକ ଠକ ଠକ
କାଠହଣା ଚଢେଇ
କାଠ କାଟୁଅଛୁ ବସି
ସତେ ଅବା ବଢେଇ
ଆ' ମୋର ପାଖକୁ
ଖାଇବାକୁ ଦେବି କୋଳି
ଉଇ, ଜନ୍ଦା, ପୋକକୁ ।

ମୁଣ୍ଡରେ ପିନ୍ଧିଛୁ ଟୋପି
କି ସୁନ୍ଦର ନାଲିଆ
କଳା କଳା ପର ତୋର
ଦିଶେ ଝିଲି ମିଲିଆ
ଧଳା ଦାଗ ବେକରେ
ମାଆ ମୋର ଖୁସି ହେବେ
ତୋ ରୂପକୁ ଦେଖିରେ ।

ଠକ ଠକ ଠକ ଠକ
କରୁଅଛୁ କାହିଁକି
ଖବର ତୁ ଦେଉଛୁ କି
ତୋର ଜାତିଭାଇକି
ପକ୍ଷୀ ସିନା ଛୋଟିଆ
ଗଛ ହାଣି ବସା ତୋଳୁ
ଶକତ ତୋ ଥଣ୍ଟିଆ ।

+ତୋଟାପଡା ଘଣ୍ଟେଶ୍ୱର ଭଦ୍ରକ
ମୋ-୯୯୩୭୬୭୨୭୦୮



### ତୁ ପରା ମୋ'ର ସରଗ ଶଶୀ

**ଶରତ କୁମାର ଦାସ**

ହସିଦେଲେ ତୁ ଦୁନିଆ ହସେ
ହସଟି ତୋ'ର ମନକୁ ରସେ
ମୁକୁତା ପଡେ ଖସି ,
ତୁ ପରା ମୋ'ର ସରଗ ଶଶୀ
ଉଇଁଚୁ ହସିହସି ।

ଦେଖେ ଯେବେ ତୋ' ଶୁଖିଲା ମୁହଁ
ଆସଇ ମାଡି ଦୁଃଖର ସୁଅ
ମନେ ମୋ' କୋହ ଭରେ,
ତୋ' କଥା ଭାବି ରାତିଦିନ ମୋ'
ଆଖିରୁ ଲୁହ ଝରେ ।

ଗଲେ ତୁ ଦୂରେ ବୁଝେନା ମନ
ତୁ ଏକା ମୋ'ର ହଜିଲା ଧନ
ମୋ' ଆଖିର ଜ୍ୟୋତି,
ତୁ ଥିଲେ ପାଶେ ଖୋଜେନି କେବେ
ହୀରା, ମାଣିକ,ମୋତି ।

ଆକାଶୁ ଜହ୍ନ ଆଣିବି ତୋଳି
ଦେବି ଜୋଛନା ତୋ' ଦେହେ ବୋଳି
ଝଲସୁଥିବୁ ତୁହି,
କାହା ନଜର ନଲାଗୁ ତୋତେ
କହୁଥିବିଟି ମୁହିଁ ।

ଗୁଲୁରୁଗୁଲୁ କଥାଟି ତୋ'ର
ଶୁଣିଲେ ପେଟ ପୂରେ ଟି ମୋ'ର
ଠୁକୁଠୁକୁ ତୋ' ଚାଲି,
ପଡୁ ତୁ ଯେତେ ଉଠୁ ତୁ ସେତେ
ଲାଗେ ତ ମଜା ଖାଲି ।

କିଣିଦେବି ମୁଁ କଣ୍ଢେଇ ଗୋଟେ
ଅଝଟ ଆଉ ହେବୁନି ମୋଟେ
ଖେଳିବୁ ହାତେ ଧରି,
ତୋ' ଖେଳ ଦେଖି ପରାଣେ ମୋ'ର
ଯିବଟି ଖୁସି ଭରି ।

ଆଜି ସିନା ତୁ କଅଁଳ କଢ
ଦିନେ ତୁ ପରା ହେବୁ ରେ ବଡ
ଜାଣିବୁ କେତେ କଥା,
ଭଲକାମରେ ମନକୁ ଦେଇ
ଚାଲିବୁ ଟେକି ମଥା ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ହସି ଦିଅ ତମେ

**କୀର୍ତ୍ତନ ସାହୁ**

ହସି ଦିଅ ତମେ
ମନ ଖୋଲା ହସ
ହୃଦୟେ ପୁଲକ ଆସୁ
କହି ଦିଅ ଖୋଲି
ମନ ଛୁଆଁ କଥା
ମଧୁର ମଧୁର ବାସୁ ।

ହସି ଦିଅ ତମେ
ରାଗ ରୁଷା ବେଳେ
ମନଟି ହାଲୁକା ହେଉ
ମନର ଅଶାନ୍ତି
ଦୂର ହେଇ ଯାଇ
ଶାନ୍ତିର ମହକ ଦେଉ ।

ହସି ଦିଅ ତମେ
ବାପା ମାଆ ପାଖେ
ଖୁସି ହେଉ ତାଙ୍କ ମନ
ତମ ହସ ଦେଖି
ସିଏ ବି ହସିବେ
ହସ ହିଁ ଅସଲ ଧନ ।

ହସି ଦିଅ ତମେ
ସାଙ୍ଗ ସାଥୀ ମେଳେ
ସେମାନେ ବି ହସି ଦେବେ
ମିଳିମିଶି ସବୁ
ଖେଳିବା ପାଇଁକି
ତମକୁ କୋଳେଇ ନେବେ ।

ହସ ହସ ମୁହେଁ
କାମ କରି ଯାଅ
କାମ ଯେ ସହଜ ହେବ
ଠିକ ସମୟରେ
କାମଟି ସରିଲେ
କେତେ ଯେ ଆନନ୍ଦ ଦେବ ।

+ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ମାଆ ଆସି ଫେରିଗଲେ

**ପ୍ରଶାନ୍ତ କୁମାର ଦାଶ**

ମାଆ ଆସି ଫେରିଗଲେ
ସରିଗଲା ପୂଜା
ସରିଗଲା ପିଲାଙ୍କର
ହସ ଖୁସୀ ମଜା ।

ମାମୁ ମାଇଁ ଅଜା ଆଈ
ସ୍ନେହ ଗେଲ ପାଇ
ଫେରିଲେ ଘରକୁ ରାଣୀ
ରଜା ସୋନୁଭାଇ ।

ଖୋଲିଲାଣି ପାଠଶାଳା
ପଢା ହେବ ପାଠ
ବନ୍ଦହେଲା ହସ ଖୁସୀ
ଖେଳ ମେଳ ବାଟ ।

ଶୁଭୁନାହିଁ ମାଆଙ୍କର
ବନ୍ଦନା ଓ ଗୀତ
ରାତିହେଲେ ଟିକେ ଟିକେ
ଲାଗିଲାଣି ଶୀତ ।

କମିଲା ଗହଳ ଦିଶେ
ଶୂନ ଶାନ ଗାଆଁ
ମାଡିଆସେ ଅନ୍ଧକାର
ସଞ୍ଜ ପରେ ଛାଁଆ ।

ଅଶିଣର ଜହ୍ନ ରାତି
ଦିଶେ କେଡେ ଭଲ
ଗାଆଁ ଓ ସହର ସାହି
କରେ ଝଲ ମଲ ।

ପୂଜାପାଇ ଫେରିଗଲେ
ଦୟାମୟୀ ମାଆ
ଆମ ଦୁଃଖ ବିପଦରେ
ସେତ ହେବେ ସାହା ।

ହାତେ ବହିଖାତା ଧରି
ପଢେ ପାଠ ରଜା
ମନେପଡେ ଦେବୀପୂଜା
ହସ ଖୁସୀ ମଜା ।

+କୁଞ୍ଜର, ସଙ୍ଗଳାଇ
ପିପିଲି, ପୁରୀ -୭୫୨୧୦୪
ମୋ: ୯୬୬୮୮୨୨୧୯୦

# ସାମ୍ବାଦିକ ମାନଙ୍କ ପ୍ରତି ରାଜନୈତିକ ଦଳ ଗୁଡିକ ଏତେ କଠୋର ମନୋଭାବ କାହିଁକି ?

ଘଟଗାଁ, ୧୮/୧୦ (ନି.ପ୍ର): ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳ ସରକାର ଗଠନ କରି ରାଜ୍ୟ ଶାସନ କରୁଥିବା ବେଳେ ପ୍ରାୟ ପ୍ରତିବର୍ଷ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ସାମ୍ବାଦିକ ସଂଘ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଜଣାଉ ଥିଲେ ହେଁ କୌଣସି ସରକାର ସାମ୍ବାଦିକ ମାନଙ୍କର ମୁଖ୍ୟ ସମସ୍ୟା ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ ଉପରେ କିଛି ହେଲେ ପଦକ୍ଷେପ ନେଉନାହାଁନ୍ତି । ଦାବି ସମୟରେ ମିଥ୍ୟା ପ୍ରତିଶୃତି ମାନ ଦେଇ ପରବର୍ତୀ ସମୟରେ ଭୁଲିଯାଉଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ, ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନେ ସରକାରୀ ହେଉ କୀ ବେସରକାରୀ ସମସ୍ତଙ୍କ ସହିତ ସୁଖ ଦୁଃଖର ସାଥି ହୋଇ ନିଜର କର୍ତବ୍ୟ ପ୍ରତିପାଦନ କରୁଛନ୍ତି । ଯାହାକି ସରକାର ସାମ୍ବାଦିକତାକୁ ଦେଶର ଚତୃର୍ଥ ସ୍ତମ୍ଭ ଭାବେ ବର୍ଣ୍ଣିତ କରିଛନ୍ତି । ହେଲେ ସେହି ଚତୃର୍ଥ ସ୍ତମ୍ଭର ସାମ୍ବାଦିକ ମାନେ ବୃଦ୍ଧ ଅବସ୍ଥାରେ କିଭଳି ନିଜ ଜୀବନ ବଂଚାଇବେ ସେଥିପ୍ରତି କାହାରି ଦୃଷ୍ଟି ନାହିଁ । ସାମ୍ବାଦିକ ଜନକ କୌଣସି ପାରିତୋଷିକ ନପାଇ ବିନା ପାରିଶ୍ରମିକରେ ଦିନ ରାତି ନିଜର କଲମ ଚଳାଇ ଚଳାଇ ଯୁବକ ଅବସ୍ଥାରୁ ବୃଦ୍ଧ ଅବସ୍ଥା ପହଁଚି ଶେଷରେ ସାମ୍ବାଦିକ ଜନକ ନିଜ ପେଟକୁ ନିଜେ ଆହାର ଦେବାକୁ ଅକ୍ଷମ ହୋଇ ନିରାଶ୍ରିତ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି । ହେଲେ ନା ଶାସନା ଧୀନ ସରକାର ସାମ୍ବାଦିକ ମାନଙ୍କ ଜୀବନ ଧାରଣ କିପରି କରିବେ ସେଥିପ୍ରତି ଦୃଷ୍ଟି ଦିଅନ୍ତି ନା ବିରୋଧୀ ଦଳ ସାମ୍ବାଦିକଙ୍କ ଉକ୍ତ ସମସ୍ୟା ଉପରେ ସ୍ୱର ଉତୋଳନ କରନ୍ତି । କେହି ବି ସାମ୍ବାଦିକ ମାନଙ୍କ ପ୍ରତି ସୃଷ୍ଟି ସମସ୍ୟା ଉପରେ ଦୃଷ୍ଟି ଦେଉନାହାନ୍ତି, ମନ୍ତ୍ରୀ ବିଧାୟକ ମାନେ ନିଜର ବେତନ, ଭତା ବୃଦ୍ଧି କଥା ଉଠିଲେ ବିରୋଧୀ ଶାସକ ଏକ ହୋଇ ନିଜର ଦାବି ପୂରଣ କରିବାରେ ଆଗଭର ହୋଇଯାଆନ୍ତି । ହେଲେ ସାମ୍ବାଦିକ ମାନଙ୍କର ପେନସନ ସମସ୍ୟା କଥା ଉଠିଲେ ମିଠା ମିଠା କଥାଦେଇ ଓ ମିଥ୍ୟା ପ୍ରତିଶୃତି ମାନ ଦେଇ ସାମ୍ବାଦିକ ମାନଙ୍କୁ ଭଣ୍ଡାଇବାରେ ଲାଗିଛନ୍ତି । ଯାହାକି ଆମ ରାଜ୍ୟରେ ସାମ୍ବାଦିକ ମାନଙ୍କ ପ୍ରତି ଶାସକ ଦଳ ହେଉ କୀ ବିରୋଧୀ ଦଳ ମାନଙ୍କର ସାମ୍ବାଦିକ ମାନଙ୍କ ପ୍ରତି ଏଭଳି ଦୃଷ୍ଟି ଭଙ୍ଗୀ ଅତ୍ୟନ୍ତ ଦୁଃଖ ଓ ଲଜ୍ୟାର ବିଷୟ.ସମାଜରେ ବସବାସ କରୁଥିବା ପ୍ରାୟ ପ୍ରତି ବର୍ଗର ଲୋକମାନଙ୍କ ଜୀବନ ଧାରଣ ଲାଗି ସରକାରୀ ସ୍ତରରେ ମାସିକ କିଛିନା କିଛି ବ୍ୟବସ୍ଥା କରିଥିବାବେଳେ ସାମ୍ବାଦିକ ମାନଙ୍କ ଜୀବନ ଧାରଣ ଲାଗି କିଛି ହେଲେ ବ୍ୟବସ୍ଥା କରାଯାଇନାହିଁ । ଦୀର୍ଘ ୪୦/୫୦ବର୍ଷ ଧରି ସାମ୍ବାଦିକ ମାନେ ବିନା ପାରିଶ୍ରମିକରେ ନିଜ କଲମ ମୁନକୁ ସମାଜ ସେବାରେ ଲଗାଇ ଯୁବକ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇ ମଧ୍ୟ ଅଦ୍ୟବଧି ନିଜ କଲମ ମୁନକୁ ସମାଜ ସେବାରେ ଲାଗିବା ଜାରି ରଖିଛନ୍ତି । ହେଲେ ସରକାର ଅନ୍ଧ ଭଳି ସାମ୍ବାଦିକ ମାନଙ୍କର ସମସ୍ୟାକୁ ଆଖି ବୁଜି ରହିବା ଅତ୍ୟନ୍ତ ଦୁଃଖ ଓ ଲଜ୍ୟାର ବିଷୟ ବୋଲି ମତପ୍ରକାଶ ପାଇଛି । ଅଧିକାଂଶ ରାଜ୍ୟରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରି ଓ ସେମାନଙ୍କର ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରି ସରକାରୀ ସ୍ତରରେ ମାସିକ ପେନସନ ପ୍ରଦାନର ବ୍ୟବସ୍ଥା କରି ଐତିହାସିକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଆମ ରାଜ୍ୟରେ ସାମ୍ବାଦିକ ମାନଙ୍କୁ କେବଳ ମିଥ୍ୟା ପ୍ରତିଶୃତି ମାନ ଦେଇ ବର୍ଷ ଦିନ ଗଡାଇ ଚାଲିଛନ୍ତି । ତେଣୁ ସାମ୍ବାଦିକ ସଂଘ ଗୁଡିକ ସାମୂହିକ ଭାବେ ସମସ୍ୟା ର ସମାଧାନ ପାଇଁ ଉଦ୍ୟମ କରିବା ଜରୁରୀ ହୋଇ ପଡିଛି ।

## ମଝିପଡ଼ା ସାର୍ବଜନୀନ କାଳୀପୂଜା ପାଇଁ ଶୁଭ ଖମ୍ବ ସ୍ଥାପନ

ସୁବର୍ଣ୍ଣପୁର, ୧୮/୧୦ (ନି.ପ୍ର):ମଝିପଡ଼ା ସାର୍ବଜନୀନ କାଳୀପୂଜା ପାଇଁ ଆଜି ଅପରାହ୍ନରେ ମାଉସୀ ମନ୍ଦୀର ସମ୍ମୁଖରେ ଶୁଭ ଖମ୍ବ ସ୍ଥାପନ କରଯାଇଛି। ମାଙ୍କ ଫଟୋ ପ୍ରତିମୂର୍ତିରେ ଓ ଢୋଲ ନିଶାନବାଜିକୁ ରୀତିନୀତିରେ ପୁଜା କରାଯାଇ ଶୁଭ ଖମ୍ବ ସ୍ଥାପନ କରଯାଇଛି। ଢୋଲ ନିଶାନ ତାସା ମହୁରୀ ରେ ପ୍ରକମ୍ପିତ ହୋଇଥିଲା ପୂଜା ମଣ୍ଡପ। ପୁଜା କମିଟିର ଉଦ୍ୟୋକ୍ତା ପୀୟୂଷ ପଣ୍ଡା, ବିକାଶ ପଣ୍ଡାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚୈତନ୍ୟ ପୁଝାରୀ ପୂଜକ ଭାବେ ଦାୟିତ୍ୱ ବହନ କରିଥିଲେ। ପୁଜା କମିଟି ସାଂସ୍କୃତିକ କମିଟିର ସଭାପତି ସମ୍ପାଦକଙ୍କ ସହିତ ସମସ୍ତ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଲଡୁ କିଶୋର ମଲ୍ଲିକ , ଦିଲ୍ଲୀପ ସାହୁ ଖୁମ୍ବ ସ୍ଥାପନା ଓ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଆଜି ଠାରୁ ମାଙ୍କ ମୃଣ୍ମୟୀ ପ୍ରତିମୂର୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତୁତି ହୋଇଥିବା ବିଷୟ କମିଟି ସଭାପତି ସମ୍ପାଦକ ଓ ମୂର୍ତି କାରିଗର ଠାରୁ ସୂଚନା ମିଳିଛି।

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ବିକଳ ଚିତ୍ର : ଅବ୍ୟବସ୍ଥାଘେରରେ ସ୍ୱାସ୍ଥ୍ୟସେବା

ଚମ୍ପୁଆ, ୧୮/୧୦ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବଜନିତ ସମସ୍ୟା ପାଇଁ ରୋଗୀ ସେବାରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଏବେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ମଧ୍ୟ ଦିନକୁ ଦିନ ଅଣାୟତ୍ତ ହେବାରେ ବସିଛି। ବାହାରକୁ ଚକାଚକ ଦେଖାଯାଉଥିଲେ ବି ଡାକ୍ତରଖାନା ପରିସରରେ କୁଢ଼ କୁଢ଼ ବର୍ଜ୍ୟବସ୍ତୁ ଦୀର୍ଘ ଦିନ ଧରି ପଡି ରହୁଥିବା ଦେଖିବାକୁ ମିଳୁଛି। ହେଲେ ଏଥିପ୍ରତି କର୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ସରକାର ଡାକ୍ତରଖାନା ଗୁଡିକୁ ରୋଗୀ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ଯୋଗାଇ ଦେଉଛନ୍ତି କୋଟି କୋଟି ଟଙ୍କା। ମାତ୍ର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଅଧିକାରୀଙ୍କ ଅବହେଳା କାରଣରୁ ରୋଗୀଙ୍କୁ ବହୁ ସୁବିଧା ସୁଯୋଗରୁ ବଂଚିତ ହେବା ତଥା ଡାକ୍ତରଖାନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା ଥାଇ ସୁଦ୍ଧା ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବରୁ ବହୁ ସେବାରୁ ଜନସାଧାରଣ ବଂଚିତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ଏବେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପରିସରରେ କୁଢ଼ କୁଢ଼ ଆବର୍ଜନା ଦୀର୍ଘ ଦିନ ଧରି ପଡି ରହିବା ଚିକିତ୍ସାଳୟ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଯୋଡ଼ା, ଝୁମ୍ପୁରା ବ୍ଲକ ସହିତ ମୟୁରଭଞ୍ଜ ଜିଲ୍ଲା ଓ ଝାଡଖଣ୍ଡ ରାଜ୍ୟର ହଜାର ହଜାର ଲୋକ ନିର୍ଭର କରି ସେବା ପାଇବା ଆଶାରେ ଆସିଥାନ୍ତି, କିନ୍ତୁ ଏଠାରେ ରୋଗୀ ବହୁ ସୁବିଧାରୁ ବଂଚିତ ହେବା ଏକ ନିତି ଦିନିଆ ଘଟଣା ପାଲଟିଥିବା ବେଳେ ଏବେ ଡାକ୍ତରଖାନା ପରିସରରେ ଦୀର୍ଘ ଦିନ ଧରି ପଡି ରହୁଥିବା ବର୍ଜ୍ୟବସ୍ତୁ ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କିଛି ବର୍ଷ ପୂର୍ବେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଡାକ୍ତରଖାନାରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ପରିଚାଳନା ପାଇଁ ଏହାର ଆବଶ୍ୟକତା ମଧ୍ୟ ରହିଥିଲା। ହେଲେ ନିମ୍ନମାନର କାମ ପାଇଁ ନିର୍ମାଣ ହେବା ଦିନ ଠାରୁ ଏହି କେନ୍ଦ୍ରରେ ତାଲା ଝୁଲୁ ଥିବା ଦେଖିବାକୁ ମିଳୁଥିବା ବେଳେ ବହିଃର୍ବିଭାଗ କଡରେ ଥିବା ଜୈବ ଦ୍ୱିର୍ଯ୍ୟବସ୍ତୁ ପରିଚାଳନା କକ୍ଷ ସମ୍ମୁଖରେ ତଥା ମା ଗୃହ ପଛପଟେ ପକାଯାଉଥିବା ଡାକ୍ତରଖାନାର ବର୍ଜ୍ୟବସ୍ତୁ ଗୁଡିକ ଦୀର୍ଘ ଦିନ ଧରି ପଡି ରହି ଦୁର୍ଗନ୍ଧ ହେଉଥିଲେ ମଧ୍ୟ ବର୍ଜ୍ୟବସ୍ତୁ ଉଠାଇବା ଦିଗରେ କର୍ତୃପକ୍ଷ ଦୃଷ୍ଟି ନ ଦେବା ଚିନ୍ତାର କାରଣ ପାଲଟିଛି। ଦୀର୍ଘ ଦିନ ଧରି ବର୍ଜ୍ୟବସ୍ତୁ ପଡି ରହିବା ଫଳରେ ମଶା ମାଛି ବଂଶବୃଦ୍ଧି ପାଇବା ସହିତ ପରିବେଶ ପ୍ରଦୂଷିତ ହୋଇ ବିଭିନ୍ନ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ଏବେ ରାଜ୍ୟରେ ଡ଼େଙ୍ଗୁ ଭୟ ଲାଗି ରହିଥିବା ବେଳେ ମା ଗୃହ ନିକଟରେ ବର୍ଜ୍ୟବସ୍ତୁ ପଡି ରହିବା ଦ୍ୱାରା ମା ଗୃହରେ ରହୁଥିବା ମା ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦକୁ ଆମନ୍ତ୍ରଣ କରୁଛି। ତେଣୁ ଏଥିପ୍ରତି ଡାକ୍ତରଖାନା କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# କୋଟଗଡ଼ରେ ବାଘ ଆତଙ୍କ: ଅନେକ ଛେଳି ଖାଇଲାଣି

କନ୍ଧମାଳ, ୧୮/୧୦ (ନି.ପ୍ର): ସାର୍ତ୍ତୁଲ ପଂଚାୟତ ରେ ବାଘ ଆତଙ୍କ, ଛେଳିଙ୍କୁ ମାରିଛି। କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଅନ୍ତର୍ଗତ ସାର୍ତ୍ତୁଲ ପଂଚାୟତରେ ବାଘ ଆତଙ୍କ ସୃଷ୍ଟି କରିଥିବା ମିଳିଛି। ମହାବଳ ବାଘର ଆତଙ୍କ ଲୋକେ ଘରୁ ବାହାରୁନଥିବାର ନଜର ରହିଛି। ଗତ ଶନିବାର ଦିନ ଅପରାହ୍ନ ୫ଟାରେ ଗ୍ରାମବାସୀମାନେ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ ହଠାତ ବାଘର ରଡ଼ି ଶୁଣିବାକୁ ପାଇଲେ। କିଛି ସମୟ ପରେ ପାହାଡ଼ ଆରପଟେ ୫ଟି ଛେଳିର ମୃତ ଶରୀର ପଡ଼ିଛି, ପେଟରୁ ପୁଟା, ଅନ୍ତି, ମୁଣ୍ଡ ନାହିଁ ବେକ ଅଛି ଏଭଳିଆ ଦୃଶ୍ୟ ଦେଖି ଗ୍ରାମରେ ଆତଙ୍କ ସୃଷ୍ଟି ହେଇଗଲା। ଗତ ଶନିବାର ଠାରୁ ଆଜି ଯାଏଁ ବାଘ ୧୦ଟି ଛେଳିର ଜୀବନ ନେଲାଣି। ବାଘର ପାଦଚିହ୍ନ ମଧ୍ୟ ଗ୍ରାମବାସୀମାନେ ଦେଖିଥିବା କହିଛନ୍ତି। ଗ୍ରାମରେ ଲୋକେ ସନ୍ଧ୍ୟା ନ ହେଉଣୁ ଡାଟି, କବାଟ ବନ୍ଦ କରି ଭୟଭୀତ ଅବସ୍ଥାରେ ଅଛନ୍ତି। ତେବେ ବାଘ ଆକ୍ରମଣରେ ନିଜ ନିଜର ଛେଳି ହରାଇଥିବା ଲୋକମାନଙ୍କ ମଧ୍ୟରେ ଉପେ ପାଟମାଝି, ମହନ୍ତ ବଡ଼ମାଝି, ଆର୍କିଷନ ପାଟମାଝି, ଜିନାନ୍ତ ପାଟମାଝୀ ଅଛନ୍ତି। ଏହି ବିଷୟ ନେଇ କୋଟଗଡ଼ ବନ ବିଭାଗକୁ ଯାଇ ସାର୍ତ୍ତୁଲର ଗ୍ରାମବାସୀ ଓ ଛେଳି ମାଲିକ ଯୋଗାଯୋଗ କରିବା ପରେ ମଧ୍ୟ ଉକ୍ତ ଅଂଚଳକୁ ବନ କର୍ମଚାରୀ ଯାଇନଥିଲେ ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ କ୍ଷୟକ୍ଷତି ଘଟିଥିବା ପରିବାରକୁ ବା ଚାଷୀଙ୍କୁ ସରକାର ସହାୟତା ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମିଶନ-୨୦୨୪ର ଶୁଭ ଉନ୍ମୋଚନ

ମାଲକାନଗିରି, ୧୮/୧୦ (ନି.ପ୍ର): ସମଗ୍ର ଶିକ୍ଷା ମାଲକାନଗିରି ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମିଶନ-୨୦୨୪ ର ଆଜି ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ଆଶିଷ ଈଶ୍ୱର ପାଟିଲ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ମିଶନର ଲୋଗୋ, ପୋଷ୍ଟର, ଲିଫଲେଟ ଓ ସଙ୍ଗୀତର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଚିତ୍ରକୋଣ୍ଡା ଡ଼ାଇଟ୍ ପ୍ରିନ୍ସିପାଲ, ମମତା କୁମାରୀ ଝଡିଆ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ଚିତ୍ରକୋଣ୍ଡା ଓ ମାଲକାନଗିରି ବିଧାୟକ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜାତୀୟ ଶିକ୍ଷା ନୀତି ଅଧୀନରେ ଆରମ୍ଭ ହୋଇଥିବା ନିପୁଣ ଓଡିଶା ମିଶନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧରେ ସୂଚନା ପ୍ରଦାନ କରିବ । ଏହି ମିଶନ ଦ୍ୱାରା ଛାତ୍ର ଛାତ୍ରୀ ପ୍ରତିଦିନ ବିଦ୍ୟାଳୟ ଯିବା ପାଇଁ ପ୍ରୋତ୍ସାହିତ ହେବେ।

## ଗଡ଼ପଦର ଜଙ୍ଗଲରେ ଅବକାରି ଚଢ଼ାଉ

ଜୟପୁର, ୧୮/୧୦ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଗଡ଼ପଦର ଜଙ୍ଗଲରେ ଅବକାରି ଚଢ଼ାଉ ହୋଇଛି। ମଦ ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଓ ଡିଏଫ୍ଏସ୍ ତରଫରୁ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ଘଟଣାସ୍ଥଳରୁ ୯ ଶହ ଲିଟର ପୋଚ, ୬୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ରାଜୁ କୁମାର ଖିତି ସୂଚନା ଦେଇଛନ୍ତି।

# କୁଲୁତା ସମାଜ ଆଂଚଳିକ କେନ୍ଦ୍ର ଉଦ୍‌ଘାଟନ କଲେ ନରସିଂହ : ଏକତା ବଜାୟ ରଖିଲେ ସମାଜର ନିଶ୍ଚିତ ଉନ୍ନତି ହେବ:ନରସିଂହ

ବଲାଙ୍ଗିର, ୧୮/୧୦ (ନି.ପ୍ର): କୁଲୁତା ସମାଜର ଲୋକେ ବହୁତ ପରିଶ୍ରମୀ । ଶିକ୍ଷା ହେଉ କି କୃଷି ସବୁଥିରେ ଏମାନେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିସାରିଛନ୍ତି । ବର୍ତମାନ କିନ୍ତୁ କୁଲୁତା ସମାଜକୁ ସାମଗ୍ରିକ ବିକାଶ ଦିଗକୁ ଆଗେଇବାର ସମୟ ଆସିଛି, ତେଣୁ ଆମକୁ ବୁଝିବାକୁ ପଡିବ ଆମ ଭିତରେ ଏକତା ରଖିବାକୁ ପଡିବ । ଏକତା ହେଲେ ହିଁ କୁଲୁତା ସମାଜ ନିଶ୍ଚିତ ଭାବରେ ଉନ୍ନତି କରିବ ବୋଲି ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ଠାରେ କୁଲୁତା ସମାଜର ଆଂଚଳିକ କେନ୍ଦ୍ରର କମ୍ୟୁନିଟି ଗୃହ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ବଲାଙ୍ଗିର ବିଧାୟକ ତଥା ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ନିଜ ଭାଷଣରେ କହିଛନ୍ତି । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଭାପତି ବେଲାରସିଂ ଭୋଇ, ଉପରଝର ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ, ସଂପାଦକ ସୂର୍ଯ୍ୟମଣି ବୁଦ୍ଧିଆ ଏବଂ ଭୂମିଦାତା ରାଜେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ । ଉଦ୍‌ଘାଟନ ପରବର୍ତୀ ସଭାରେ ନରସିଂହ କହିଥିଲେ କୁଲୁତା ସମାଜ ତରଫରୁ ଯେତେବେଳେ ଯାହା ଅନୁରୋଧ କରାଯାଇଛି, ସେ ସବୁକୁ ସେ ଆନ୍ତରିକତା ସହ ପୁରଣ କରିଛନ୍ତି । ଯଦି ଶିକ୍ଷା, ସଂସ୍କୃତି, ଅର୍ଥନୈତିକ ବିକାଶ ଆମେ କରିବାକୁ ଚାହୁଁଛୁ ତେବେ ଆମ ଭିତରେ ଏକତାଭାବ ସୃଷ୍ଟି କରିବାକୁ ପଡିବ । ଅଲଗା ଜାତି ସମାଜ ଯେପରି ନିଜର ସମାଜର ସ୍ୱାର୍ଥରକ୍ଷା ପାଇଁ ଲଢେଇ କରୁଛନ୍ତି ସେପରି ଲଢେଇ କରିବାକୁ ହେବ । ସେଥିପାଇଁ କଂଗ୍ରେସ ଦଳ ଦାବି କରୁଥିବା ଜାତି ଜନଗଣନା ଦାବିକୁ ଆହୁରି ପ୍ରଖର କରିବାକୁ ହେବ । ସେଥିରେ ସଫଳ ହେଲେ ହିଁ ଆମେ ଜାଣିପାରିବା ଯେ ଆମ ସଂଖ୍ୟା କେତେ ଓ ଅଲଗା ଜାତି ସମାଜ ପାଉଥିବା ଆରକ୍ଷଣ ତାହା ଶିକ୍ଷା କ୍ଷେତ୍ରରେ ହେଉ କି ନିଯୁକ୍ତି କ୍ଷେତ୍ରରେ ସେ ସବୁ ପାଇବାକୁ ଆମେ ମଧ୍ୟ ଲଢେଇ କରିବାକୁ ହେବ । ଉପରଝର ଅଂଚଳର ଶିକ୍ଷାର ଉନ୍ନତି ପାଇଁ ଏକ ମହିଳା ଯୁକ୍ତ ଦୁଇ କଲେଜ ପ୍ରତିଷ୍ଠା କରାଯାଇଥିଲା । ଏଥି ପାଇଁ ସେ ନିଜେ ୪୫ଲକ୍ଷ ଟଙ୍କାର ଅନୁଦାନ ବନ୍ଦୋବସ୍ତ କରି କରିଥିଲେ କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ କେବଳ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ଆଉ ୨୦ଲକ୍ଷ ଟଙ୍କା ବାକିଥିବା ଅନୁଦାନ ପୁଣି ଅଣାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ ଏବଂ ଆଗାମୀ ଦିନରେ ଏହି କଲେଜକୁ ଯୁକ୍ତ ତିନି ଡିଗ୍ରୀ କଲେଜ ନିଶ୍ଚିତ ରୂପାନ୍ତରିତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଆଜିର ଏହି ଉଦ୍‌ଘାଟନ ଅବସରରେ ଏ ପାଖ ପାଖ ଅଂଚଳର ପ୍ରାୟ ୧୦୦୦ ରୁ ଅଧିକ ମହିଳା ପୁରୁଷ ସମବେତ ହୋଇ ପୂର୍ବତନ ବିଧାୟକ ଶ୍ରୀ ମିଶ୍ରଙ୍କ ସହ ବିଭିନ୍ନ ଅଭାବ ଅସୁବିଧା ଭାବରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଶ୍ରୀ ମିଶ୍ର ଅଇଁଲାଚୁଆ, ଖୁଜେନପାଲି ଠାରେ ସ୍ଥାନୀୟ ଲୋକଙ୍କ ଠାରୁ ବିଭିନ୍ନ ସମସ୍ୟା ଶୁଣିଥିଲେ । ବିଶେଷ କରି ଅଇଁଲାଚୁଆଁ ବରକାନି ଅଂଚଳର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣରେ ମନ୍ଥରତାକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଫୋନ ମାଧ୍ୟମରେ କଥା ହୋଇ ପ୍ରକଳ୍ପ ନିର୍ମାଣରେ କ୍ଷିପ୍ରତା ଆଣିବାକୁ କହିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମ ମାନଙ୍କରେ ନବଘନ ଭୋଇ, ଶିବ ବିଶ୍ୱାଳ, ଟଙ୍କଧର ପ୍ରଧାନ, ସଂଜୟ ଗଡତ୍ୟା, ପ୍ରେମାନନ୍ଦ ସାହୁ, ରାଜେନ୍ଦ୍ର ବିଶ୍ୱାଳ, ସଦାଶିବ ବିଶ୍ୱାଳ, ଅନୁସୟା ବିଶ୍ୱାଳ, ଧର୍ମୁ ପ୍ରଧାନ, ରାଧାକାନ୍ତ ପ୍ରଧାନ, ଗୌରୀ ଶଙ୍କର ବାରିକ, ତର୍କ ଚନ୍ଦ୍ର ଭୋଇ, ବରକାନି ଗଉଁନ୍ତିଆ, ଶିବ ଶଙ୍କର ମାଝୀ, ଶିବ ମାଝୀ, କିଶୋର ସିଂ ନିନାଙ୍କ ସହ ଅଂଚଳର ସାଧାରଣ ଜନତା ଉପସ୍ଥିତ ଥିଲେ ।

# ଇ-କେୱାଇସି ପାଇଁ ବ୍ୟାଙ୍କ ସମ୍ମୁଖରେ ରାତି ଅଧରେ ଇଟା ସହ ଗ୍ରାହକଙ୍କ ଲମ୍ବା ଧାଡି

ଧର୍ମଶାଳା, ୧୮/୧୦ (ନି.ପ୍ର): ରାଜ୍ୟ ସରକାର ମହିଳାମାନଙ୍କୁ ସୁଭଦ୍ରା ଯୋଜନା ଭେଟି ଦେଇଛନ୍ତି । ଯାହାକୁ ନେଇ ଏହି ଟଙ୍କା ପାଇବା ପାଇଁ ଅନେକ ମହିଳା ଖୁସି ଥିବା ବେଳେ ଯେଉଁମାନେ ଏହି ଟଙ୍କା ପାଇବାରୁ ବଂଚିତ ହୋଇଛନ୍ତି ସେମାନଙ୍କ ବ୍ୟାଙ୍କ ସମ୍ମୁଖରେ ରାତି ଅଧରେ ଇଟା ସହ ଗ୍ରାହକମାନେ ଲମ୍ବା ଧାଡିରେ ଇ-କେୱାଇସି ଫର୍ମ ଭରିବା ପାଇଁ ସେମାନଙ୍କୁ ନାକେ ଦମ୍ ହେବାକୁ ପଡିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ।ଓଡିଶାରେ ନୂଆ ସରକାର ଗଠନ ହେବା ପରେ ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ବ୍ୟାଙ୍କ ଜମା ଖାତାକୁ ଟଙ୍କା ପଠାଇଛନ୍ତି । ଆସିଥିବା ଟଙ୍କାକୁ ନେଇ ମହିଳାମାନେ ଉତ୍ସାହିତ ହୋଇ ପଡିଛନ୍ତି । ଯେଉଁମାନେ ଏହି ଟଙ୍କା ପାଇବାରୁ ବଂହଚି ହୋଇଛନ୍ତି ସେମାନଙ୍କୁ ନିରାଶ ହେବାକୁ ପଡିଛି । ଫଳରେ ସେମାନେ ବାରମ୍ବାର ବିଭିନ୍ନ ବ୍ୟାଙ୍କକୁ ଯାଇ ହିନସ୍ତା ହେବାକୁ ପଡିଛି । ବ୍ୟାଙ୍କ ଚଳନ୍ତି ଖାତାରେ ଟଙ୍କା ନ ଆସିବାରୁ ମହିଳାମାନେ ବ୍ୟାଙ୍କରେ ଡିବିଟି କରିବା ସହିତ ଇ-କେୱାଇସି ଫର୍ମ ଭରିବା ପାଇଁ ବ୍ୟାଙ୍କରେ ଶହଶହ ମହିଳାମାନେ ରାତି ଅଧରେ ଧାଡି ବାନ୍ଧି ରହୁଛନ୍ତି । ଯେଉଁମାନେ ବ୍ୟାଙ୍କକୁ ରାତିରେ ନ ଆସି ସେମାନଙ୍କ ପରିବାର ଲୋକେ ଇଟା ଥୋଇ ଇଟାରେ ନାଁ ଲେଖି ପର ଦିନ ଭୋରୁ ଲମ୍ବା ଲାଇନ ଲଗାଉଛନ୍ତି । ଅନେକ ମହିଳା ଘର ଛାଡିବା ସହ ପିଲାଛୁଆଙ୍କୁ ଧରି ବ୍ୟାଙ୍କରେ ରାତି ଅଧରେ ଧାଡି ଲଗାଉଛନ୍ତି । ଅନ୍ୟପକ୍ଷରେ ବ୍ରହ୍ମବରଦା ଏସବିଆଇ ଶାଖାରେ ଇ-କେୱାଇସି ପାଇଁ ଦୈନିକ ୫୦ ଗୋଟି ଟୋକନ ଧରାଇ ଦିଆଯାଉଛି । ଯାହାକି ଟୋକନ ପାଇବା ପାଇଁ ଗ୍ରାହକମାନେ ହିନସ୍ତା ଭୋଗୁଛନ୍ତି । ଏନେଇ ବ୍ୟାଙ୍କରେ ଆବଶ୍ୟକୀୟ ମୁତାବକ କର୍ମଚାରୀ ନାହାନ୍ତି । ଯେଉଁମାନଙ୍କର କେୱାଇସି ଅଛି, ବ୍ୟାଙ୍କ ଖାତାରେ ଟଙ୍କା ନ ଆସିବାରୁ ଗ୍ରାହକମାନେ ବାରମ୍ବାର ବ୍ୟାଙ୍କ ଆସୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଶାଖା ମୁଖ୍ୟ ପରିଚାଳକ କୈଳାସ ନାୟକ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ତେବେ ରାତି ଅଧରେ ଇଟା ସହିତ ଧାଡି ବାନ୍ଧି ରହିବା ନେଇ ଏବେ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

# ନୂଆ ରୂପ ନେବାକୁ ଯାଉଛି ଜୟପୁର ରେଳ ଷ୍ଟେସନ୍ ଭିଆଇପି ଲାଉଞ୍ଜ

ଜୟପୁର, ୧୮/୧୦ (ନି.ପ୍ର): ନୂଆ ରୂପ ନେବାକୁ ଯାଉଛି ଜୟପର ରେଳ ଷ୍ଟେସନ୍ । ଏନେଇ ନୂଆ କୋଠା ତିଆରି କାମ ଆରମ୍ଭ ହୋଇଛି । ଯାହାର ସିମେଂଟ ପିଲର୍ ଠିଆ ହୋଇ ସାରିଥିବା ବେଳେ ଷ୍ଟେସନ୍ ପାଇଁ ଦ୍ୱିତୀୟ ଫୁଟ୍ ଓଭର୍ ବ୍ରିଜ୍ ର ଲୁହା ପିଲର୍ ପ୍ରସ୍ତୁତ ହୋଇସାରିଲାଣି । ଅଳ୍ପ ଦିନ ମଧ୍ୟରେ ଏହି ସମସ୍ତ କାର୍ଯ୍ୟ ସମାପ୍ତ ହେବ ବୋଲି ଜଣାଯାଇଛି । ଯାହାକୁ ନେଇ ଏବେ ରେଳ ଯାତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଚାରୀ ଯାଏଁ ସମସ୍ତେ ଖୁସି । ସୂଚନା ପ୍ରକାରେ ଯେଉଁ ନୂଆଁ କୋଠା କାମ ଚାଲିଛି ତାହା ଅତ୍ୟାଧୁନିକ ଶୈଳିରେ ନିର୍ମିତ ହେବ । ଏହି କୋଠାଟି ବର୍ତମାନର ଷ୍ଟେସନ୍ କୋଠା ଠାରୁ ଅଳ୍ପ ଦୂରରେ ଅର୍ଥାତ୍ ଜାତୀୟ ରାଜପଥ ଦିଗକୁ ନିର୍ମାଣ ହେବ । ବିଶେଷକରି ପୂର୍ବରୁ ଯେଉଁ ଗୁଡ୍ସ ସାଇଡ଼୍ ରହିଥିଲା ତାହା ନିକଟ ଏବଂ ଟ୍ରାଫିକ୍ ପ୍ୟାନେଲ୍ ବିଲ୍ଡିଂ କଡ଼ରେ ନିର୍ମାଣ ଆରମ୍ଭ ହୋଇଛି । ଏହି କୋଠା ଠିଆ ହେବା କ୍ଷଣି ଷ୍ଟେସନ୍ ?କୁ ନୂଆ ଆପ୍ରୋଚ୍ ରୋଡ଼୍ ମଧ୍ୟ ପ୍ରସ୍ତୁତ ହେବ । ଯାହାକି ବର୍ତମାନର ରେଲୱେ ଛକ ପୂର୍ବରୁ ରହିବ । ଯାତ୍ରୀ ମାନଙ୍କୁ ଏହା ଦୂରତାରେ ମଧ୍ୟ ସହର ଠାରୁ କମ୍ ପଡ଼ିବ । ରେଳ ବିଭାଗର ସୂଚନା ଅନୁସାରେ ଏହି କୋଠାର ସମ୍ମୁଖରେ ମଲ୍ଟି ପାର୍କିଂ ବ୍ୟବସ୍ଥା ରହିବାକୁ ଯୋଜନା ଥିବା ବେଳେ ଯାତ୍ରୀଙ୍କ ପାଇଁ ଟିଆ ?ଏସ୍ ସିଷ୍ଟମ୍ ଲାଗିବ । ବର୍ତମାନ ପ୍ଲାଟ୍ ଫର୍ମ-୨କୁ ଯିବାକୁ ଏକ ଫୁଟ୍ ଓଭର୍ ବ୍ରିଜ୍ ରହିଥିବା ବେଳେ ନୂଆଁ କୋଠା ନିକଟରେ ୧୨ ମିଟର ଚଉଡ଼ାର ଦ୍ୱିତୀୟ ଫୁଟ୍ ଓଭର୍ ପାଇଁ ଲୁହା ପିଲର୍ ଠିଆ ହୋଇ ସାରିଲାଣି । ଏହା ୬ଟି ରେଳ ଲାଇନ୍ କୁ ସଂଯୋଗ କରିବ । ଷ୍ଟେସନ୍ ରେ ଏବେ ୪ଟି ରନିଂ ଲାଇନ୍ ରହିଥିବା ବେଳେ ଗୋଟିଏ ଗୁଡ଼୍ ?ସ ସାଇନ୍ ଲାଇନ୍ ରହିଛି । ରନିଂ ଲାଇନ୍ କୁ ୫ କରିବା ଲକ୍ଷ୍ୟ ରହିଛି । ଯଦ୍ୱାରା ଷ୍ଟେସନ୍ ?ରେ ୬ଟି ଲାଇନ୍ ରହିବ ଏବଂ ସମସ୍ତ ଲାଇନ୍ କୁ ଏହି ଦ୍ୱିତୀୟ ଫୁଟ୍ ଓଭର୍ ବ୍ରିଜ୍ ସଂଯୋଗ ସ୍ଥାପନ କରିବ । ଏହା ଦ୍ୱାରା ଉମୁରୀ ଏଫସିଆଇ କାର୍ଯ୍ୟାଳୟ କଡ଼ ରାସ୍ତା ଦେଇ ଜାତୀୟ ରାଜପଥ ୨୬ରୁ ଯାତ୍ରୀ ମାନେ କମ୍ ରାସ୍ତା ଅତିକ୍ରମ କରି ଷ୍ଟେସନ୍ ରେ ପହଂଚି ପାରିବେ । ଏହି ରାସ୍ତା ଦେଇ ଆସିଲେ ଯାତ୍ରୀ ମାନେ ଅଟୋ ଖର୍ଚ୍ଚରୁ ମୁକ୍ତ ହୋଇ ସିଧାସଳଖ ଷ୍ଟେସନ୍ ନିକଟରୁ ହିଁ ବିଭିନ୍ନ ଦିଗକୁ ଯାତ୍ରୀବସ୍ ସେବା ପାଇପାରିବେ । କେବଳ ସେତିକି ନୁହଁ ନୂଆଁ କୋଠାରେ ଏଲିଭେଟର୍ ବା ଲିଫ୍ଟ ସିଷ୍ଟମ୍ ନେଇ କାମ ଆରମ୍ଭ ହୋଇଥିବାରୁ ଏହାର ସଂଯୋଗ ମଧ୍ୟ ରହିବ । ଷ୍ଟେସନ୍ ?ରେ ଦିବ୍ୟାଙ୍ଗଜନଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ ହେବ । ତତ୍‌ସହ ନୂତନ କୋଠାରେ ଫୁଡ଼୍ ପ୍ଲାଜା ସାଙ୍ଗକୁ ପୁରା ଅଂଚଳ ବିଭାଗର ସିସିଟିଭି କ୍ୟାମେରାରେ ରହିବ । ଜୟପୁରର ନୂଆଁ ରେଳ ଷ୍ଟେସନ୍ କୋଠାରେ ଅତ୍ୟାଧୁନିକ ସମସ୍ତ ଯାତ୍ରୀଙ୍କ ପାଇଁ ମୋଡ଼େର୍ଣ୍ଣ ସୌଚାଳୟ ସାଙ୍ଗକୁ ଏକ୍ ?ଜ୍ୟୁକୁଟିଭ୍ ଲାଉଞ୍ଜ ବ୍ୟବସ୍ଥା ରହିବ । ଲାଉଞ୍ଜରେ ଯାତ୍ରୀମାନେ ସର୍ବନିମ୍ନ ୨୦୦ଟଙ୍କା ଦେୟ ଦେଇ ଦୁଇ ଘଣ୍ଟା ପାଇଁ ବ୍ୟବସାୟ ମିଟିଂ ରଖି ପାରିବେ ଏବଂ ଏହାକୁ ଏବର ଦର ଅନୁସାରେ ୭୦ ଟଙ୍କା ଦେଇ ଅଧିକ ଘଣ୍ଟାଏ ସେବା ପାଇଁ ସମୟ ବୃଦ୍ଧି କରିପାରିବେ । ଏଥିରେ ଶିତତାପ ନିୟନ୍ତିତ ରୁମ୍ ସାଙ୍ଗକୁ ଚାହା, କଫି ଏବଂ ଜଳଖିଆ ସେବା ମଧ୍ୟ ପାଇପାରିବେ । ଷ୍ଟେସନ୍ ର କାୟାକଳ୍ପ ପରିବର୍ତନ ସାଙ୍ଗକୁ ଯାତ୍ରୀ ସୂଚନାରେ ମଧ୍ୟ ବଡ଼ ପରିବର୍ତନ କରାଯିବ । ଷ୍ଟେସନ୍ ପରିସର ମଧ୍ୟରେ ରେଷ୍ଟୋରାଂଟ ସାଙ୍ଗକୁ ବିଭିନ୍ନ ପ୍ରକାର ଷ୍ଟଲ୍ ରହିବ ଯେଉଁଥିରେ ଯାତ୍ରୀ ସହରର ସମସ୍ତ ସୁବିଧା ଏଥିରୁ ପାଇ ପାରିବେ । ଷ୍ଟେସନ୍ ରେ ମଲ୍ଟି ମୋଡଲ୍ କନେକ୍ଟିଭିଟିକୁ ଗୁରୁତ୍ୱ ଦିଆଯିବ । ଯେଉଁଥିରୁ ଯାତ୍ରୀ ମାନେ ବସ୍ତୁ ଆଉ ସେବାକୁ ପାଇବା ପାଇଁ ଏକ ପରିବହନ ମାଧ୍ୟମରୁ ଅନ୍ୟ ପରିବହନ ମାଧ୍ୟମ ସହ ସହଜରେ ଯୋଡି ହୋଇପାରିବେ । ପ୍ରସ୍ତାବିତ ଷ୍ଟେସନ୍ କୋଠାରେ ଏକକିକୃତ କନେକ୍ଟିଭିଟି ପ୍ରଦାନ ନେଇ ବିଭାଗ ଯୋଜନା ରଖିଛି ।

# ଟ୍ରାକ ନିରାପତ୍ତାକୁ ବୃଦ୍ଧି କରାଇବା ପାଇଁ ପୂର୍ବତଟ ରେଳପଥରେ ଅତ୍ୟାଧୁନିକ ରେଳ ଗ୍ରାଇଣ୍ଡିଂ ମେସିନ୍ ନିୟୋଜନ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ପୂର୍ବତଟ ରେଳପଥ ଅତ୍ୟାଧୁନିକ ୯୬-ଷ୍ଟୋନ ରେଳ ଗ୍ରାଇଣ୍ଡିଂ ମେସିନ୍ କୁ ଟ୍ରାକ ଗୁଡିକର ନିରାପତ୍ତା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାର ଏକ ଅଂଶ ଭାବରେ ଏହାର ପରିସୀମା ମଧ୍ୟରେ ନିୟୋଜନ କରିଛି । ଇତିମଧ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ଏହି ମେସିନ୍, ରେଳ ଟ୍ରାକ ରକ୍ଷଣାବେକ୍ଷଣ କ୍ଷେତ୍ରରେ ରେଳ ଟ୍ରାକ ଗୁଣବତ୍ତା ବୃଦ୍ଧି ଏବଂ ରେଳ ଟ୍ରାକ୍ ର ଜୀବନକାଳ ବୃଦ୍ଧି କରାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ସୁରକ୍ଷିତ ଟ୍ରାକ ପାଇଁ କଟିଙ୍ଗ-ଏଜ୍ ଟେକ୍ନୋଲୋଜି ଏକ ଉଚ୍ଚ ଉନ୍ନତ ଏବଂ ଅନ୍ତରାଷ୍ଟ୍ରୀୟ ସ୍ତରରେ ସର୍ବ ବୃହତ ରେଳ ଗ୍ରାଇଣ୍ଡର୍ ମେସିନ ଯେଉଁଥିରେ ଆଠଟି କୋଚ୍ ଉପଲବ୍ଧ ଥିବାବେଳେ ଏହାର ଦୈର୍ଘ୍ୟ ୧୬୫ ମିଟର ଅଟେ ଏବଂ ଏଥିରେ ୯୬ ଟି ଗ୍ରାଇଣ୍ଡିଂ ପଥର (ପ୍ରତ୍ୟେକ ପାର୍ଶ୍ୱରେ ୪୮) ରହିଛି । ଏହି ପଥରଗୁଡିକ ରେଳ ପୃଷ୍ଠର ତ୍ରୁଟି ଦୂର କରିବା, ଅନିୟମିତତାକୁ ସୁଗମ କରିବା ଏବଂ ରେଳ ଧାରଣା ଗୁଡିକର ସର୍ବୋଚ୍ଚ ପ୍ରୋଫାଇଲକୁ ପୁନ-ସ୍ଥାପିତ କରିବା ପାଇଁ ରଣକୌଶଳ ସହିତ ସମସ୍ତ ଆନୁସଙ୍ଗିକ ରକ୍ଷଣାବେକ୍ଷଣ କରି ତ୍ରୁଟି ମାର୍ଜିତ କରିବ । ଏହି ପ୍ରକ୍ରିୟା କେବଳ ରେଳ ଧାରଣାର ଜୀବନ ବିସ୍ତାର କରେ ନାହିଁ ବରଂ ନିରାପଦ ଏବଂ ଅଧିକ ଆରାମଦାୟକ ଟ୍ରେନ୍ ଯାତ୍ରାକୁ ମଧ୍ୟ ସୁନିଶ୍ଚିତ କରେ ।

ଘଂଟା ପ୍ରତି ୨୨ କିଲୋମିଟର ବେଗରେ କାର୍ଯ୍ୟ କରିବାର କ୍ଷମତା ସହିତ, ଏହି ମେସିନ୍ ଟ୍ରାକର ବୃହତ ବିଭାଗଗୁଡ଼ିକୁ ଦକ୍ଷତାର ସହିତ ଆଚ୍ଛାଦନ କରିବାରେ, ଡାଉନଟାଇମ୍ ହ୍ରାସ କରିବାରେ ଏବଂ ଟ୍ରେନ୍ କାର୍ଯ୍ୟରେ ବ୍ୟାଘାତକୁ କମ୍ କରିବାରେ ସକ୍ଷମ ଅଟେ । ଏହା ପୂର୍ବରୁ ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳରେ ସଫଳତାର ସହ ନିୟୋଜିତ ହୋଇସାରିଛି ଏବଂ ବର୍ତ୍ତମାନ ଓଡିଶାର ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳରେ ଟ୍ରାକ ଗୁଡିକର ଉନ୍ନତି ଆଣିଛି । ପୂର୍ବତଟ ରେଳପଥ ଏକ ୨୦-ଷ୍ଟୋନ୍ ସ୍ପେସିଆଲିଟି ରେଳ ଗ୍ରାଇଣ୍ଡିଂ ମେସିନ୍ ମଧ୍ୟ ପୂର୍ବରୁ କାର୍ଯ୍ୟକ୍ଷମ କରାଇଥିଲା ଯାହା ଜାନୁୟାରୀ ୨୦୨୩ ଠାରୁ କାର୍ଯ୍ୟକାରୀ ହୋଇଆସୁଅଛି । ଏହି ମେସିନ୍ ସ୍ୱତନ୍ତ୍ର ଭାବରେ ଜଟିଳ ଟ୍ରାକ୍ ଉପାଦାନଗୁଡିକ ଯଥା ସୁଇଚ୍, କ୍ରସ୍ଓଭର ଏବଂ ଲେଭଲ୍ କ୍ରସିଂଗୁଡିକ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ବିଶେଷ ଧ୍ୟାନ ଆବଶ୍ୟକ କରେ ।

ଏହି ଉନ୍ନତ ରେଳ ଗ୍ରାଇଣ୍ଡିଂ ମେସିନ୍ଗୁଡ଼ିକର କାର୍ଯ୍ୟକାରିତା, ରେଳ ନିରାପତ୍ତା ଏବଂ ଦକ୍ଷତା ବୃଦ୍ଧି ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ସୂଚିତ କରୁଅଛି । ଅତ୍ୟାଧୁନିକ ଟ୍ରାକ୍ ରକ୍ଷଣାବେକ୍ଷଣ ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ କରି, ପୂର୍ବତଟ ରେଳପଥ ଏହାର ନେଟୱାର୍କରେ ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ ନିରାପଦ ଯାତ୍ରା ସୁନିଶ୍ଚିତ କରିପାରୁଛି ।

# ମହାବୀର ଆଖଡା ସଂଘର ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର, ୧୮/୧୦ (ନି.ପ୍ର): ବାଲେଶ୍ୱର ମହାବୀର ଆଖଡା ସଂଘ ଓ ଓଡ଼ିଶା ସରକାର ଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ମିଳିତ ଆନୁକୁଲ୍ୟରେ ଆଖଡା ସଂଘ ର ସଭାପତି ଗୋପୀନାଥ ଶତପଥୀ ଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ମାକଲପୁର୍ ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଏହି ବିତରଣ ଉତ୍ସବ ରେ ରାଜ୍ୟ ସରକାର ଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ସଦର ବିଧାୟକ ମାନସ କୁମାର ଦତ୍ତ , ବସ୍ତା ବିଧାୟକ ସୁବାସିନୀ ଜେନା , ବାଲେଶ୍ୱର ପୌରଧକ୍ଷ ସବିତା ସାହୁ , ବାଲେଶ୍ୱର ବ୍ରିଟ ଚେୟାରମେନ ଆଲୋକ ସାହୁ , ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ , ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶି ର୍କେ, ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡକ୍ଟର ସୁଜିତ୍ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଖଡା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ବହୁତ୍ ଆଖଡା ଦଳ ଓ ବହୁ ଶିଶୁ , ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଏପରିକି ଅତିଥି ମାନେ ମତବ୍ୟକ୍ତ କରିଥିଲେ ପୁରାତନ ସଂସ୍କୃତି ଓ ପରମ୍ପରା ପରିଚୟ ଆଖଡା ଖେଳ ଆତ୍ମରକ୍ଷା ବ୍ୟତୀତ ସୁସ୍ଥ ଶରୀର ଗଠନ ରେ ସହାୟକ ହୋଇଥାଏ। ଯୁବଗୋଷ୍ଠୀ ପାରମ୍ପରିକ କ୍ରୀଡା ଠାରୁ ଦୂରେଇ ଯାଉଥିବା ବେଳେ ସେମାନଙ୍କୁ ଆକୃଷ୍ଟ କରିବା ଓ ଏହାକୁ ବଞ୍ଚାଇ ରଖିବା ପାଇଁ ଓଡ଼ିଶା ସରକାର ଙ୍କ ସଂସ୍କୃତି ବିଭାଗ ସହାୟତା ପ୍ରଦାନ କରିବା କଥା ଅତିଥି ମାନେ ସୂଚନା ଦେଇଥିଲେ । ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ସଦର ବିଧାୟକ ମାନସ କୁମାର ଦତ୍ତ ଆଖଡା ଖେଳ ପ୍ରଦର୍ଶନ କରିଥିଲେ । ଏହି ଉତ୍ସବରେ ବନାଟି, ଲାଠି ଆଦି ବାଡିଖେଳ ପ୍ରତିଯୋଗିତା ହୋଇଥିଲା , ଏହି ପ୍ରତିଯୋିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଦଶହରାରେ ସିନେମା ଛକ ଠାରେ ଆୟୋଜିତ ଆଖଡା ପ୍ରଦର୍ଶନ ରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପୁରୁଣା ବାଲେଶ୍ୱର , ଦ୍ୱିତୀୟ ଭାବେ ଭିମପୁରା ତୃତୀୟ ଭାବେ ମଠସାହି ମହାବୀର ଆଖଡା ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଯୁଗ୍ମ ସମ୍ପାଦକ ଲମ୍ବୋଦର ବେହେରା, ବଂଶୀ ଧର ଦଳେଇ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାସ , କୋଷାଧକ୍ଷ ରାଜେନ୍ଦ୍ର ଚାଟାର୍ଜୀ, ଯଶୋଦା ନନ୍ଦ ଆଶ୍, ମନୋଜ୍ କୁମାର ଧଳ, କମଳା କାନ୍ତ ନାୟକ, ରାଜେନ୍ଦ୍ର ଦାସ , ଦେବବ୍ରତ ପାଣିଗ୍ରାହୀ , ଅର୍ଚ୍ଚନା ନନ୍ଦୀ , ଶ୍ରଦ୍ଧାଞ୍ଜଳି ରାୟ, ହେମଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଟୋବର ୨୦ରୁ ଓଡିଶା – ମହାରାଷ୍ଟ୍ର ସିକେ ନାୟୁଡୁ କ୍ରିକେଟ

ବରଗଡ଼, ୧୮/୧୦ (ନି.ପ୍ର): ଆଗାମୀ ଅକ୍ଟୋବର ୨୦ ରୁ ବରଗଡ଼ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ୨୩ ବର୍ଷରୁ କମ୍ ସିକେ. ନାୟୁଡୁ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ । ଏନେଇ ଜିଲ୍ଲା କ୍ରିକେଟ୍ ଏସୋସିଏସନ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ଓଡ଼ିଶା ଓ ମହାରାଷ୍ଟ୍ର ଦଳ ବରଗଡ଼ ପହଂଚି ସାରିଥିବା ସୂଚନା ଦିଆଯାଇଛି । ସେହିପରି ମହାରାଷ୍ଟ୍ର ଏବଂ ଓଡ଼ିଶା ଦଳ ସେମାନଙ୍କର ଅଭ୍ୟାସ ଆରମ୍ଭ କରିଦେଇଛନ୍ତି । ୨୦ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମ୍ୟାଚ ପ୍ରତ୍ୟେକ ଦିନ ସକାଳ ୯ ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ ଟା ଯାଏ ଚାଲିବ । ଉଭୟ ଦଳ ପାଇଁ ଏଠାରେ ଉଚ୍ଚ ମାନର ପଡ଼ିଆ, ପ୍ରାକ୍ଟିସ୍ ପିଚ୍ ଆଦିର ବ୍ୟବସ୍ଥା ରହିଛି । ଉଭୟ ଓଡ଼ିଶା ଓ ମହାରାଷ୍ଟ୍ର ଦଳ ଗୃପରେ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଆସିଥିବାରୁ ଏହି ମ୍ୟାଚରେ ଉଭୟଙ୍କ ମଧ୍ୟରେ କଡା ଟକ୍କର ହେବା ଆଶା କରାଯାଉଛି ।

ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରିକେଟ ଏସୋସିଏସନ୍ ସଭାପତି ହରିହର ପ୍ରଧାନ, ସଂପାଦକ ରବି ନାରାୟଣ ପଣ୍ଡା, କ୍ରିଷ୍ଣା ବିକାଶର ଚେୟାରମେନ ଡି. ମୁରଲି କ୍ରିଷ୍ଣା, କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ର ମ୍ୟାନେଜର ଡି. ବିବେକ କୁମାର, ଡ.ସମରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମଣ୍ଡିରୁ ଧାନ...

ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସୀମାରେ ଚେକିଂ କଡାକଡି ହେବ । ପ୍ରଥମ ଥର ପାଇଁ ଓଡ଼ିଶାର ଚାଷୀ ଧାନ କ୍ୱିଣ୍ଟାଲ ବାବଦକୁ ୩୧୦୦ ଟଙ୍କା ପାଇବେ । ସେ ଦୃଷ୍ଟିରୁ ବାହାର ଚାଷୀ ଓଡ଼ିଶାରେ ଧାନ ବିକିବା ଆଶଙ୍କା କରି ଏଭଳି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏବେ ଠୁ ଜିଲ୍ଲାପାଳ ବଢାଇ ପାରିବେ ଚାଷୀଙ୍କ ଟୋକନ ସୀମା । ସେଥିପାଇଁ ଜିଲ୍ଲାପାଳଙ୍କୁ ଅଧିକୃତ କ୍ଷମତା ଦିଆଯିବ । ଆଉ ରାଜ୍ୟ ସରକାର ପାଖକୁ ପଠାଇବେନି ପ୍ରସ୍ତାବ । ଅନ୍ୟପକ୍ଷରେ ବର୍ଷା ଦାଉରୁ ବଂଚିବାକୁ ମଣ୍ଡିଗୁଡିକରେ ନିର୍ମାଣ ହେବ ଗୋଦାମ । ମଣ୍ଡିଗୁଡିକର ଆଧୁନିକୀକରଣ ପାଇଁ ୫୫୦ କୋଟି ଖର୍ଚ୍ଚ କରିବେ ସରକାର । ପୁଣି ମଣ୍ଡି ଜଗିବାକୁ ଧାନ କିଣା ବେଳେ ଜିଲ୍ଲା ଦାୟିତ୍ୱରେ ରହିବେ ମନ୍ତ୍ରୀ । ପ୍ରତି ମଣ୍ଡିରେ ରହିବେ ଜଣେ ଅଧିକୃତ ଅଧିକାରୀ । ଦୀର୍ଘଦିନର ଦାବି ପରେ ପ୍ରଥମ ଥର ପାଇଁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବାକୁ ନେଇ ବେଶ୍ ଉତ୍ସାହିତ ଚାଷୀ ।

## ବର୍ଷାରେ ଭିଜିବ ଓଡ଼ିଶା...

ପକ୍ଷରୁ ସୂଚନା ଦିଆଯାଇଛି। ଗତକାଲି ଓଗଉ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଥଇଲେ, ବାତ୍ୟାପ୍ରବଣ ଓଡ଼ିଶାର ଇତିହାସ ଦେଖିଲେ, ରାଜ୍ୟରେ ଅକ୍ଟୋବର ମାସରେ ହିଁ ଅଧିକାଂଶ ବାତ୍ୟା ମାଡ଼ ହୋଇଛି। ୧୯୯୯ ଅକଟୋବର ୨୯ରେ ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଥିଲା ମହାବାତ୍ୟା। ପରେ ପୁଣି ୨୦୧୩ ସେହି ଅକ୍ଟୋବରରେ ଆସିଥିଲା ଅତିଭୀଷଣ ସାମୁଦ୍ରିକ ଝଡ଼ ଫାଇଲିନ୍। ସେହିଭଳି ୨୦୧୪ ଅକ୍ଟୋବରରେ ହୁଡହୁଡ ଓ ୨୦୧୮ ଅକଟୋବରରେ ତିତଲିର ତାଣ୍ଡବକୁ ସାମ୍ନା କରିଥିଲେ ଓଡ଼ିଶାବାସୀ। ବରିଷ୍ଠ ପାଣିପାଗ ବିଜ୍ଞାନୀଙ୍କ ମତରେ ଏବେ ବାତ୍ୟା ପାଇଁ ଅନୁକୂଳ ପରିବେଶ ରହିଛି। ବାତ୍ୟା ସାଧାରଣତଃ ମୌସୁମୀ ଆଗମନ ଓ ପ୍ରତ୍ୟାବର୍ତ୍ତନ ସମୟରେ ହେଉଥିବା ବେଳେ ବର୍ତ୍ତମାନ ପ୍ରତ୍ୟାବର୍ତ୍ତନ ସମୟ। ସେହିଭଳି ସମୁଦ୍ର ପତ୍ତନର ତାପମାତ୍ର ମଧ ବାତ୍ୟା ଅନୁକୂଳ ରହିଛି। ଅନୂକୂଳ ପରିବେଶ ଓ ପରିସ୍ଥିତି ସାଙ୍ଗକୁ ଅଧିକାଂଶ ମେଡେଲର ଇଣ୍ଡିକେସନ ବାତ୍ୟା ଆଡ଼କୁ ଯାଉଥିଲେ ବି ଆସନ୍ତା ୨୨ ଓ ୨୩ ତାରିଖ ବେଳକୁ ଚିତ୍ର ସ୍ପଷ୍ଟ ହେବ ବୋଲି ପାଣିପାଗ ବିଜ୍ଞାନୀ ମତ ରଖିଛନ୍ତି।

## ରାଜ୍ୟରେ ଲାଗୁ ହେବ...

ଯୋଜନାରେ ଉପକୃତ ହେବେ ତାହା ସ୍ପଷ୍ଟ ହେବ। ପୂର୍ବରୁ ଇଝକଣ ଯୋଜନାରେ ମାତ୍ର ୯୫୭ଟି ହସ୍ପିଟାଲରେ ରାଜ୍ୟର ଲୋକଙ୍କୁ ସ୍ୱାସ୍ଥ୍ୟ ବୀମାର ସୁବିଧା ମିଳୁଥିବା ବେଳେ ଏଣିକି ଦେଶସାରା ୨୭ ହଜାରରୁ ଅଧିକ ଅନୁବନ୍ଧିତ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓଡ଼ିଶାବାସୀ । ଚଳିତ ଆର୍ଥିକ ବର୍ଷ ହିଁ ଆମ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ଓଡ଼ିଶାରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା । ଚଳିତ ଆର୍ଥିକ ବର୍ଷରେ ହିଁ ଆମ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ଡଞ୍ଚଠକୁ ସୂଚନା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଆୟୁଷ୍ମାନ ଭାରତ ଯୋଜନା, ଯାହା ବର୍ତ୍ତମାନ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମୁଖ୍ୟମନ୍ତ୍ରୀ ଯୋଜନା (ଇଇ ଚଗ-ଔଇଣ) ଭାବରେ ଜଣାଶୁଣା । ଏହି ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ହିତାଧିକାରୀମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇବାର ବ୍ୟବସ୍ଥା ରହିଛି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ମୁଖମନ୍ତ୍ରୀ ଯୋଜନା ଅଧୀନରେ ଏକ ସ୍ୱାସ୍ଥ୍ୟ କଭର ବୀମା ପରି । ଏହା ଅଧୀନରେ ଏହି ଯୋଜନା ପାଇଁ ଯୋଗ୍ୟ ଲୋକଙ୍କୁ ଆୟୁଷ୍ମାନ କାର୍ଡ ଦିଆଯାଏ । ଏହି ଯୋଜନା ଅଧୀନରେ ଆୟୁଷ୍ମାନ କାର୍ଡଧାରୀମାନେ ତାଲିକା ଭୁକ୍ତ ଡାକ୍ତରଖାନା ଗୁଡ଼ିକରେ ମାଗଣା ଚିକିତ୍ସା ପାଆନ୍ତି । ଏହି କାର୍ଡ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସହାୟତା ଯୋଗାଇଥାଏ ।

## ଭାଙ୍ଗିଯିବ କି ...

ବିଜେପିର ନେତା କଂଗ୍ରେସକୁ ଆସିବେ। ବିଶେଷକରି ବିଜେଡିର ବହୁ ନେତା କଂଗ୍ରେସ ସମ୍ପର୍କରେ ଅଛନ୍ତି ବୋଲି ମୋକିମ୍ କହିଛନ୍ତି। ସେପଟେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଘଡାଇ ବିଜେଡି ବିପର୍ଯ୍ୟୟର ପାଞ୍ଚ କାରଣ କହି ତେରଛା ବାଣ ମାରିଛନ୍ତି। କହିଛନ୍ତି ପ୍ରାର୍ଥୀ, ପରିଚାଳନା, ପାଣ୍ଠି, ପରିସ୍ଥିତି ଓ ଦାୟିତ୍ୱ ହେଉଛି ବିଜେଡି ପରାଜୟର ମୁଖ୍ୟ କାରଣ। ବିଜେଡି ନେତାମାନେ ନିଜ ଭିତରେ କାଦୁଅ ଫିଙ୍ଗା ରାଜନୀତି ନକରି ଏକାଠି ହେଲେ ଦଳ ଆଗକୁ ବଢିପାରିବ। ଅନ୍ୟପଟେ ପ୍ରତିକ୍ରିୟାରେ ବିଜେଡି କହିଛି ବିଜେପି ଓ କଂଗ୍ରେସ ନିଜ ଘର କଥା ଚିନ୍ତା ନକରି ବିଜେଡି କଥା ଭାବୁଛନ୍ତି। ଦିନରେ ସ୍ୱପ୍ନ ନଦେଖନ୍ତୁ। ତେବେ ବିଜେଡି ଘର ସ୍ଥିତି ଦିନକୁ ଦିନ ବିଗୁଡୁଥିବାବେଳେ ନବୀନ କେମିତି ସଂଗଠନକୁ ସୁଦୃଢ କରି ରଖିପାରୁଛନ୍ତି ତାଉପରେ ନଜର।

## ଘରୋଇ ଡାକ୍ତରଖାନା ବିରୋଧରେ ...

ସଂପୃକ୍ତ ଘରୋଇ ଡାକ୍ତରଖାନା ଉପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗ ତସ୍କରୀ ନେଇ ପରିବାର ଲୋକଙ୍କ ପକ୍ଷରୁ କନ୍ଧମାଳ ବାଲିଗୁଡ଼ା ଥାନାରେ ଏତଲା ହେବା ପରେ ସଦର ଥାନା ଅଞ୍ଚଳ ରୁଦ୍ର ହସ୍ପିଟାଲରେ ପୁଲିସ ପହଞ୍ଚିଛି। ପୁଲିସ ଡାକ୍ତରଖାନାର କର୍ମଚାରୀଙ୍କୁ ପଚରାଉଚରା କରିଛି। କିନ୍ତୁ ଅଭିଯୋଗକୁ ରୁଦ୍ର ହସ୍ପିଟାଲର ମ୍ୟାନେଜର ଖଣ୍ଡନ କରିଛନ୍ତି। ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଟିକରବାଜୁ ଗାଁର ବାବୁଲା ଦିଗାଲ ଗତ ୧୩ ତାରିଖରେ ସମ୍ପର୍କୀୟଙ୍କ ଘରକୁ ଯିବା ସମୟରେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଚିକିତ୍ସା ପାଇଁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଭୁବନେଶ୍ୱରକୁ ଆଣିଥିଲେ। ପରେ ବାବୁଲାଙ୍କୁ କଟକସ୍ଥିତ ରୁଦ୍ର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପାଇଁ ରୁଦ୍ର ମେଡିକାଲ ମୋଟା ଟଙ୍କା ବି ନେଇଥିଲା। ଏଠାରେ ପ୍ରଥମେ ଅପରେସନ୍ ସଫଳ ହୋଇଥିବା ନେଇ କୁହାଯାଇଥିଲା। କିନ୍ତୁ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ, ବାବୁଲାଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ଲୋକ ମୃତଦେହ ନେଇ ଗାଁକୁ ଫେରିଥିଲେ ଏବଂ କବର ଦେଇଥିଲେ। କିନ୍ତୁ ମୃତ୍ୟୁ ନେଇ ତାଙ୍କର ମନରେ ସନ୍ଦେହ ଥିଲା। ଏବେ ପରିବାର ଲୋକ ବାବୁଲାଙ୍କ ଶରୀରରୁ ଅଙ୍ଗ ଚୋରି ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ମୃତ ବାବୁଲା ଦିଗାଲଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ତାଙ୍କ ପେଟ କାହିଁକି କଟାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ବାବୁଲାଙ୍କ ମୃତଦେହରୁ କିଡ୍‌ନି ବାହାର କରାଯାଇଥିବା ବି ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକ ଥାନାରେ ଏତଲା ଦେବା ପରେ ପୁଲିସ କବର ଖୋଳି ତଦନ୍ତ ଆରମ୍ଭ କରିଛି। ବାଲିଗୁଡା ମାଜିଷ୍ଟ୍ରେଟ ସହକାରୀ କଲେକ୍ଟର ହରେକୃଷ୍ଣ ରାଉତ, ବାଲିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ, ବାରଖମା ଫାଣ୍ଡି ଅଧିକାରୀ ବିକାଶ କୁମାର ଜାଲି, ଯୁଗଳ ନାୟକଙ୍କ ଉପସ୍ଥିତିରେ କବର ଖୋଳି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଶା କରାଯାଉଛି।

## ୨୮ ମାସ ପରେ...

କୋର୍ଟ ଆଜି ରାୟ ଦେବା ବେଳେ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ପିଏମଏଲଏ ଭଳି କଠୋର ଆଇନ ସହ ଜଡ଼ିତ ମାମଲାରେ ଏହାକୁ ବେଶୀ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଜାମିନ ଆବେଦନକୁ ସବୁଥର ଭଳି ଏଥର ମଧ ଇଡି ଜୋରଦାର ବିରୋଧ କରିଥିଲା। ଜୈନ ଯେହେତୁ ଦୀର୍ଘ ମାସ ହେଲା ଜେଲରେ ରହି ସାରିଲେଣି ଓ ନିକଟ ଭବିଷ୍ୟତରେ ମାମଲାର ଟ୍ରାଏଲ ମଧ ହେବା ଭଳି ଲାଗୁ ନାହିଁ ବୋଲି କୋର୍ଟ ମତ ରଖିଥିଲେ। ଏହାପରେ ଜୈନଙ୍କୁ ଜାମିନ ଦେଇଥିଲେ।କୋର୍ଟ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ବଳରେ ଜୈନଙ୍କୁ ଜାମିନ ଦେଇଛନ୍ତି। ଜାମିନରେ ଥିବା ବେଳେ ସେ ମାମଲା ସହ ଜଡ଼ିତ କୌଣସି ସାକ୍ଷୀ କିମ୍ବା ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବେ ନାହିଁ। ସେ କୌଣସି ବି ଉପାୟରେ ଟ୍ରାଏଲକୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ ନାହିଁ। କୋର୍ଟଙ୍କ ବିନା ଅନୁମତିରେ ଜୈନ ବିଦେଶ ଯାତ୍ରା କରିପାରିବେ ନାହିଁ ମଧ କୋର୍ଟ ସର୍ତ୍ତ ରଖିଛନ୍ତି।

## ବାଲ୍ୟ ବିବାହକୁ ନେଇ...

ଏହା ଏକ ସାମାଜିକ ବ୍ୟାଧି। ଏହିପରି ଘୃଣ୍ୟ କାମରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। କୋର୍ଟ ଆହୁରି କହିଛନ୍ତି, ଦଣ୍ଡ ଏବଂ ଦୋଷୀ ସାବ୍ୟସ୍ତ ହେବା ପରିବର୍ତ୍ତେ ନିଷେଧ ତଥା ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍। ଆମେ ଆଇନ ଏବଂ ସମାଜବିଜ୍ଞାନର ସମ୍ପୂର୍ଣ୍ଣ ପରିସରକୁ ଦେଖିଛୁ। ବାଲ୍ୟ ବିବାହ ନିଷେଧ ଆଇନର ସଠିକ୍ କାର୍ଯ୍ୟକାରିତା ପାଇଁ ଆମେ ବିଭିନ୍ନ ନିର୍ଦ୍ଦେଶ ଦେଇଛୁ। ବାଲ୍ୟ ବିବାହ ରୋକିବା ପାଇଁ ସବୁଠାରୁ ଭଲ ଉପାୟ ହେଲା ପଛୁଆ ବର୍ଗ, ଶିକ୍ଷାର ଅଭାବ ଓ ଗରିବ ଶ୍ରେଣୀର ଝିଅମାନଙ୍କର କାଉନସଲିଂ କରିବା। ଏକ ବୃହତ ସାମାଜିକ ଢ଼ାଞ୍ଚାରୁ ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ସିଜେଆଇ କହିଛନ୍ତି।

## ଥୁଲଥୁଲି ଏନକାଉଣ୍ଟର ...

ଶବ ପରିବାର ଲୋକେ ନେଇଥିବା ବେଳେ ଶାନ୍ତି ନାମକ ମହିଳା ନକ୍ସଲର ଶବକୁ ପରିବାର ଲୋକେ ନେବାକୁ ମନା କରିଥିଲେ। ଆଗଧାଡିର ନକ୍ସଲ ନେତ୍ରୀ ନୀତି ନାମରେ ୨୫ ଲକ୍ଷ ଟଂକା ଥିବା ବେଳେ ନନ୍ଦୁ ମାଣ୍ଡବୀ ନାମରେ ୧୦ ଲକ୍ଷ ଟଂକାର ପୁରସ୍କାର ରାଶି ରହିଥିଲା। ଅନ୍ୟମାନଙ୍କ ନାମରେ ୮ ଲକ୍ଷ,୬ ଲକ୍ଷ,୫ ଲକ୍ଷ ଏବଂ ୨ ଲକ୍ଷ ଟଂକାର ପୁରସ୍କାର ରାଶି ରହିଥିଲା। ଛତିଶଗଡ଼ ରାଜ୍ୟ ପ୍ରତିଷ୍ଠା ହେବା ପର ଠାରୁ ଏହା ସବୁଠାରୁ ବଡ ଏନକାଉଣ୍ଟର ବୋଲି କୁହାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଛତିଶଗଡରୁ ନକ୍ସଲ ହଟିବା ନେଇ ଯେଉଁ ଭବିଷ୍ୟତବାଣୀର ସୂଚନା ଦେଇଛନ୍ତି ତାହା ସତ ହେବାକୁ ଯାଉଥିବା ଜଳ ଜଳ ଦିଶୁଛି। ତେବେ ସଂଗଠନ କିନ୍ତୁ ଏହି ଏନକାଉଣ୍ଟରକୁ କେବେ ଭୁଲିବ ନାହିଁ। ଆଗକୁ ସଂଗଠନ ପକ୍ଷରୁ ନିଶ୍ଚିତ ଭାବେ ଏକ ବଡ ଧରଣର ଅଘଟଣ ଘଟାଇବାର ଯୋଜନା ପ୍ରସ୍ତୁତ କରାଯାଉଥିବା ନକ୍ସଲ ବିଶେଷଜ୍ଞମାନେ ପୂର୍ବ ସୂଚନା ଦେଇଛନ୍ତି।

# କୋରାପୁଟ ଜିଲ୍ଲା ମେଟ୍ୟୁର ବକ୍ସିଂ ସଂଘ ଗଠିତ


ଜୟପୁର, ୧୮/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ମେଟ୍ୟୁର ବକ୍ସିଂ ସଂଘ ଗଠିତ ହୋଇଯାଇଛି । ସୋସାଇଟି ରେଜିଷ୍ଟ୍ରେସନ ଧାରା ୧୮୬୦ ଅନୁଯାୟୀ ଉକ୍ତ ସଂଘର ପଞ୍ଜିକରଣ ହୋଇଛି । ଅତିରିକ୍ତ ସୋସାଇଟି ରେଜିଷ୍ଟ୍ରେସନ ଅଧିକାରୀ କୋରାପୁଟ ଉକ୍ତ ପ୍ରମାଣ ପତ୍ର ସଂଖ୍ୟା ୫୬୦୯ ତା ୦୩.୧୦.୨୦୨୪ ରିଖ ରେ ପ୍ରଦାନ କରିଛନ୍ତି । ଏଥିରେ ଶଶୀଭୂଷଣ ଦାଶ୍ ସଭାପତି, ବିପିନ ବିହାରୀ ମହାପାତ୍ର ସମ୍ପାଦକ, ପବନ ପାଣିଗ୍ରାହୀ କୋଷାଧକ୍ଷଙ୍କ ସମେତ ସମୁଦାୟ ୨୧ ଜଣ କର୍ମକର୍ତ୍ତା ରୁପେ ମନୋନୀତ ହୋଇଛନ୍ତି । ସୁପ୍ରିତ୍ ପୂଜାରୀ ଉପସଭାପତି, କେଦାର ଗୌରୀ ଦାଶ୍ ସହ ସମ୍ପାଦକ, ତେଜେଶ୍ୱର ପଣ୍ଡା ଆଇନ ଉପଦେଷ୍ଟା, ସୁନାକର ରାଉତ ଉପଦେଷ୍ଟା, ବୃନ୍ଦାବନ ପଣ୍ଡା କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ସମେତ ୧୪ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ମନୋନୀତ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ବକ୍ସିଂ ସଂଘ ହୋଇଥିବାରୁ ସ୍ଥାନିୟ ଛାତ୍ର, ଛାତ୍ରୀ ଓ ଯୁବକ ମାନଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡରଗୁଡିକ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ପ୍ରୋଜେକ୍ଟ)/ ଗାର୍ଡେନ୍ ରିଚ୍, କୋଲକାତା, ଏସ୍. ରେଲୱେ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଆମନ୍ତ୍ରିତ: ସିରିଏଲ ନଂ. ଏବଂ ଇ-ଟେଣ୍ଡର ନଂ; ଏହାର ଅବସ୍ଥାନ ସହିତ କାର୍ଯ୍ୟର ନାମ; ପାଖାପାଖି ଏହି କାର୍ଯ୍ୟର ମୂଲ୍ୟ; ସର୍ବଶେଷ ଅର୍ଥ:(୧) **RNBSER / GRC / Engg / WT-04** (ଖୋଲା), ତାରିଖ ୧୭.୧୦.୨୦୨୪; **1x25 KV**ରୁ ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମର ଅପ-ଗ୍ରେଡେସନ୍ କାମ ପାଇଁ ବାନସପାନୀରେ ଅନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଯେପରିକି ଯୌଗିକ କାନ୍ଥ, ଡ୍ରେନ୍, ଆରସିସି ରୋଡ୍ ଇତ୍ୟାଦି ୧୩ଟି ୟୁନିଟ୍ ଗଠନ ପାଇଁ ଇ-ଟେଣ୍ଡର ଖୋଲନ୍ତୁ । **3000MT** ଲୋଡିଂ ଲକ୍ଷ୍ୟ ପୂରଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳର ରାଜଖରସୱାନ୍-ନୟାଗଡ଼-ବୋଲାନି ବିଭାଗ ପାଇଁ **KV**ରୁ **2x25 KV** ଟ୍ରାକ୍ସନ୍ ସିଷ୍ଟମ୍; ୪,୪୩,୯୦, ୮୬୧.୩୧; ୩,୭୨,୦୦୦/-। (୨) **KBSER / GRC / Engg। / WT-** ଲକ୍ଷ୍ୟ; ୦୫ (ଖୋଲା), ତାରିଖ ୧୭.୧୦.୨୦୨୪; ୦୮ ୟୁନିଟ୍ ନିର୍ମାଣ ପାଇଁ ଟେଣ୍ଡର ଖୋଲନ୍ତୁ ଟାଇପ୍- ୦୦ ଏବଂ ୦୨ ୟୁନିଟ୍ ଟାଇପ୍ -୩ କ୍ୱାର୍ଟର୍ସ ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଯେପରିକି ଯୌଗିକ କାନ୍ଥ, ଡ୍ରେନ୍, ଆରସିସି ରୋଡ୍ ଇତ୍ୟାଦି **1x25 KV** ରୁ ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମର ଅପଗ୍ରେଡ୍ କାର୍ଯ୍ୟ ପାଇଁ । **3000MT** ଲୋଡିଂ ୪,୫୭,୩୦,୫୫୬.୫୨ କୁ ପୂରଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର-ଭଦ୍ରକ ବିଭାଗ ପାଇଁ **2x25 KV** ଟ୍ରାକ୍ସନ୍ ସିଷ୍ଟମ୍। ୩,୭୮,୭୦୦ /-। କାର୍ଯ୍ୟର ସମାପ୍ତି ଅବଧି: ଉଭୟ ପାଇଁ ୧୮ (ଅଷ୍ଟାଦଶ) ମାସ । ବନ୍ଦ ହେବାର ତାରିଖ ଏବଂ ସମୟ: ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ **IREPS** ପୋର୍ଟାଲ ବ୍ୟବହାର କରି ଇ-ଟେଣ୍ଡର ଅନଲାଇନରେ ଗ୍ରହଣ କରାଯିବ । ୧୧.୧୧.୨୦୨୪ ରେ ୱେବସାଇଟ୍ ବିଶେଷତା ଏବଂ ବିଜ୍ଞପ୍ତି ବୋର୍ଡ ଅବସ୍ଥାନ: ୱେବସାଇଟ୍ ନମ୍ବର **www.ireps.gov.in** ଏବଂ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ପ୍ରକଳ୍ପ) /**S.E** ର କାର୍ଯ୍ୟାଳୟ । ରେଳବାଇ / ଉଦ୍ୟାନ ପହଞ୍ଚିବା (ଇଂରାଜୀ) । କରିଗେଣ୍ଡମ୍: ଯେକୌଣସି କରିଗେଣ୍ଡମ୍ ଦୟାକରି ବିଡ୍ ଆରମ୍ଭ ହେବା ପୂର୍ବରୁ ଦେଖାଯାଇପାରେ ଯଥା ୨୮.୧୦.୨୦୨୪ ପର୍ଯ୍ୟନ୍ତ **IREPS** ପୋର୍ଟାଲ୍ **www.ireps.gov.in.**

**(PR-712)**


# ବେତଡାରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ



ବାସୁଦେବପୁର, ୧୮/୧୦ (ନି.ପ୍ର): ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବେତଡା ଲକ୍ଷ୍ମୀ ପୂଜା ରେ । ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇ ଯାଇଛି । ସର୍ବ ପୁରାତନ ମହାଲକ୍ଷ୍ମୀ ପୂଜା କମିଟି ଆନୁକୁଲ୍ୟରେ ୭୭ ବର୍ଷ ଧରି ପୂଜା ଚାଲିଛି । ଏହି କମିଟିରେ ସଭାପତି ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ବେଜ ରହିଛନ୍ତି । ଉପ ସଭାପତି ରହିଛନ୍ତି କୃପାସିନ୍ଧୁ ବେହେରା । ପ୍ରତି ବର୍ଷ ପରି ଏବର୍ଷ ମାଆ ଙ୍କ ପୂଜା ଧୁମ୍ ଧାମ ରେ ଚାଲିଛି । ମା ଲକ୍ଷ୍ମୀଙ୍କର ସ୍ଥାୟୀ ମାର୍ବଲ ମୂର୍ତ୍ତି ମଣ୍ଡପ ରେ ପୂଜା ପାଉଛନ୍ତି । ଏହି କମିଟିରେ ଅନେକ ସଦସ୍ୟ ସହଯୋଗୀ ରହିଛନ୍ତି । ସେହିପରି ଓଁ ଶ୍ରୀ ଶ୍ରୀ ମା ଲକ୍ଷ୍ମୀ ପୂଜା କମିଟି କଚେରୀ ବଜାର ପକ୍ଷରୁ ଲକ୍ଷ୍ମୀ ପୂଜା ଚାଲିଛି । ଏହି କମିଟିରେ ସଭାପତି ବୈକୁଣ୍ଠ ପାକଳ ଓ ସମ୍ପାଦକ ଶରତ କୁମାର ମହନି ରହିଛନ୍ତି । ଏହି କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା ହୋଇଛି । ସେହିପରି ଗୋରୁହାଟ ପଡିଆ ରେ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ଚାଲିଛି । ଏହି କମିଟିରେ ସଭାପତି ଅଛନ୍ତି ମନ୍ମଥ ନାୟକ ଓ ସମ୍ପାଦକ ଅଛନ୍ତି ରାଜେନ୍ଦ୍ର କୁମାର ସାହୁ । ଏଠାରେ ଖୁବ୍ ଆକର୍ଷଣୀୟ ସାଜସଜ୍ଜା ହୋଇଛି । ସେହିପରି ମା ଲକ୍ଷ୍ମୀ ଠାକୁରାଣୀ ପୂଜା କମିଟି ପକ୍ଷରୁ ପୂଜା ଚାଲିଛି । ଏଥିରେ ସଭାପତି ଅଛନ୍ତି ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ଓ ସମ୍ପାଦକ ଅଛନ୍ତି କୃଷ୍ଣ ଚନ୍ଦ୍ର ସାହୁ ଓ ଉପ ସଭାପତି ଭଗବାନ ଚନ୍ଦ୍ର ପଣ୍ଡା । ସେହିପରି ଓଁ ଶ୍ରୀ ମାଆ ଧନ ଲକ୍ଷ୍ମୀ ପୂଜା କମିଟି ଚନ୍ଦନପୁର ପକ୍ଷରୁ ଲକ୍ଷ୍ମୀ ପୂଜା ଚାଲିଛି । ଏହି କମିଟିରେ ସଭାପତି ଅଛନ୍ତି ସତ୍ୟବ୍ରତ ଶତପଥୀ ଓ ସମ୍ପାଦକ ଅଛନ୍ତି ସନ୍ତୋଷ ବିଶ୍ୱାଳ । ବିଭିନ୍ନ ଯାତ୍ରା ପାର୍ଟି ଏଠାରେ ନାଟକ ମଞ୍ଚସ୍ଥ କରିବାକୁ ଯାଉଛନ୍ତି । ଓଡିଶାର ବିଭିନ୍ନ ଜିଲ୍ଲାରୁ ଜନ ସାଧାରଣ ଓ ବ୍ୟବସାୟୀ ବନ୍ଧୁ ଏହି ବେତଡା ବଜାରକୁ ଆସୁଛନ୍ତି । ଦୋଳି, ମିନା ବଜାର ଓ ଆକର୍ଷଣୀୟ ମନୋହରୀ ଦୋକାନ ରେ ଫୁଲ୍ ଭିଡ଼ ଜମୁଛି । ବାସୁଦେବପୁର ପୋଲିସ୍ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରା ଯାଇଛି । ସମସ୍ତେ ହସ ଖୁସି ଆନନ୍ଦ ରେ ମେଳା ବୁଲି ଘରକୁ ଫେରୁଛନ୍ତି।


Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

TENDER CALL NOTICE NO.08/2024-25 OF SE, BCD, LAXMIPOSI

| | | |
|---|---|---|
| 1 | No. of Work | Total 21 nos. of work |
| 2 | Tender Amount | Ranging from Rs. 85,375.00 to Rs. 4,99,588.11 |
| 3 | E.M.D. | Ranging from Rs.900.00 to Rs. 5000.00 |
| 4 | Period of Completion | 01(One) Month from the date of issue of work order. |
| 5 | Class of Contractor | Registered Agencies / Registered Electrical Contractor of HT Class / Registered Firm with MSME / "D" Class or "C" Class Contractor / Registered Agencies having expertise in mechanical nature of work / Registered Agencies having expertise in survey nature of work / Equivalent. |
| 6 | Date & Time of availability of bid document in the office of the undersigned | From 10.30 AM of 21.10.2024 to 5.00 PM of 30.10.2024 |
| 7 | Last date/time for receipt of bid in the office of the undersigned. | Upto 5.00 PM of 30.10.2024 |
| 8 | Date of opening of bid | 01.11.2024 at 11.30AM |
| 9 | Name & Address of the O.I. T. | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Sd/-
Superintending Engineer,
Baisinga Canal Division,
Laxmiposi

OIPR: 32281/11/0005/2425


# ବିଶିଷ୍ଟ ସମବାୟବିତ୍‌ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କେନ୍ଦ୍ରାପଡ଼ା, ୧୮/୧୦ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକର ଶ୍ୟାମସୁନ୍ଦରପୁର ପଂଚାୟତ ଅଧିନସ୍ଥ ଦୁତିଆଳ ଗ୍ରାମର ବିଶିଷ୍ଟ ସମବାୟବିତ୍ ସ୍ୱର୍ଗତ କୁଳମଣୀ ନାୟକଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଅଛି। ସେ ଜଣେ ବିଶିଷ୍ଟ ସମବାୟବିତ୍ ସହ ସତ୍ୟସାଇ ସେବା ସଂଘର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଥିଲେ। ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ କେନ୍ଦ୍ରାପଡ଼ା ସତ୍ୟସାଇ ସେବା ସଂଘ ତରଫରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ତାଙ୍କର ବନ୍ଧୁ ଡାକ୍ତର ଶରତ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଅଧ୍ୟାପକ ଅଜୟ ସାମଲ, କୈଳାସ ଚନ୍ଦ୍ର ସ୍ୱାଇଁ, ରାଜକିଶୋର ନାୟକ, ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ରାଧାକୃଷ୍ଣ ସାହୁ, ନୃସିଂହ ତ୍ରିପାଠୀ ଏବଂ ଅନେକ ସାଇପ୍ରିୟ ଭକ୍ତମାନେ ଯୋଗଦେଇଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ସମୟରେ ସେ ପ୍ରତିବର୍ଷ ସତ୍ୟସାଇ ଭକ୍ତ ସମ୍ମିଳନୀ କରାଉଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସ୍ୱର୍ଗତଃ ଦିବାକର ପାତ୍ର ସ୍ମାରକୀ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

ଲଙ୍ଗଳେଶ୍ୱର,୧୮/୧୦(ନିପ୍ର)-୨୬ତମ ସାର୍ବଜନୀନ ଦୁର୍ଗା ପୂଜା ଉପଲକ୍ଷେ ବାଲିଆପାଳ ବ୍ଲକ ନୂଆଗାଁ-କଟରାମହଲ ମାର୍କେଟ୍ ପଡିଆ ଠାରେ ସ୍ୱର୍ଗତଃ ଦିବାକର ପାତ୍ର ସ୍ମାରକୀ କବାଡି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ସମାଜସେବୀ ଚକ୍ରଧର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ କର୍ତ୍ତା ବରେନ୍ଦ୍ର ନାଥ ରାଉତ,ପୂଜା କମିଟିର ସଭାପତି ଶଚିନ୍ଦ୍ର ପାତ୍ର, କୋଷାଧକ୍ଷ ରଂଜନ ବେହେରା, ଖେଳ ସଂଯୋଜକ ଅଞ୍ଜନ ଦେବନାଥ , ପରିଚାଳନା କମିଟି ସଦସ୍ୟ ମନ୍ମଥ ଗିରି, ବିଦ୍ୟାଧର ଦଳେଇ, ପ୍ରଦୀପ ଦାସ, ନବୀନ ଦଳାଇ,ପ୍ରଶାନ୍ତ ଦାସ,ଅନୀଲ ଦେବନାଥ,ସନ୍ୟାସୀ ବେହେରା,କମଳ ଲୋଚନ ବେହେରା,ଲକ୍ଷ୍ମୀକାନ୍ତ ଗିରି, ପ୍ରଶାନ୍ତ ବିଶ୍ୱାଳ,ବିକର୍ତ୍ତନ ପରିଡା,ପ୍ରାଣକୃଷ୍ଣ ବିଶ୍ୱାଳ,ତପନ ପାତ୍ର,ବିମଳ ରାଉତ,ପଦ୍ମ ଲୋଚନ ସ୍ୱାଇଁ,ଅଭିମନ୍ୟୁ ଦଳାଇ,ବିଜୟ ଦେହୁରୀ,ବୀରେନ୍ ପରିଡା,ସୁରେନ୍ଦ୍ର ସାହୁ,କାହ୍ନୁ ଗିରି,ମନ୍ମଥ ମହାନ୍ତି,ଅଜୟ ସାମଲ, କମଳ ଲୋଚନ ଦଳେଇ,ଭୀମ ଦଳାଇ,ଅନିଲ ବେହେରା ପ୍ରମୁଖ କମିଟି ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ ।ଉଦଘାଟନୀ ମ୍ୟାଚ୍ ବାରିପଦା ଦଳ ସହିତ ପାକମୁଡି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବାରିପଦା ଦଳ ବିଜୟୀ ହୋଇଥିଲେ ।ଖେଳ ଶିକ୍ଷକ କାର୍ତ୍ତିକ ଭଞ୍ଜ ଏବଂ ହେମନ୍ତ ପରିଡା ଖେଳକୁ



ପରିଚାଳନା କରିଥିଲେ । ସ୍ୱର୍ଗତଃ ପାତ୍ରଙ୍କ ପୁଅ ଶଚୀନ୍ଦ୍ର ପାତ୍ର କବାଡି ଟୁର୍ଣ୍ଣାମେଣ୍ଟର ସମସ୍ତ ଦାୟିତ୍ୱ ତୁଲାଇଥିଲେ ।

## ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ସଫଳ ପର୍ବତାରୋହୀ ମଧୁସ୍ମିତା ପାତ୍ର

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ରାଜ୍ୟର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଆଜି ସଫଳ ପର୍ବତାରୋହୀ ମଧୁସ୍ମିତା ପାତ୍ର ଭେଟିଛନ୍ତି । ପରିବହନ ମନ୍ତ୍ରୀ ଶ୍ରୀ ଜେନା ନିଜେ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି ।
ସେ ସୋସିଆଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି, ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚତମ ଶୃଙ୍ଗ ଆରୋହଣ କରି ଜଣେ ସଫଳ ପର୍ବତାରୋହୀ ଭାବରେ ଆମ ଗୋପାଳପୁରର ପାଇଁ ସୁନାମ ଆଣିଥିବା ମଧୁସ୍ମିତା ପାତ୍ରଙ୍କ ସହିତ ସୌଜନ୍ୟମୂଳକ ଭେଟ ହେଲା। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ସେ ପରବର୍ତ୍ତୀ ଲକ୍ଷ୍ୟ ଦକ୍ଷିଣ ଆମେରିକାର ଉଚ୍ଚତମ ଶୃଙ୍ଗ, ଆର୍ଜେଂଟିନାରେ ୬୯୬୧ ମିଟର ଉପରେ ଅବସ୍ଥିତ ଆକୋନକାଗୁଆ ସଫଳତାର ସହ ଆରୋହଣ କରନ୍ତୁ ଓ ଅଂଚଳପାଇଁ ସୁନାମ ଆଣନ୍ତୁ ଏହା କାମନା।

# ଦୁମୁହାଁଣୀ ପ୍ରାଥମିକ ବିଦ୍ୟାଳୟ: ଆବଶ୍ୟକୀୟ ଶିକ୍ଷକ ନଥିବାରୁ ବିଦ୍ୟାଳୟରେ ତାଲା

କପ୍ତିପଦା, ୧୮/୧୦ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣିପୋଖରୀ ଗ୍ରାମ ପଞ୍ଚାୟତର ଦୁମୁହାଁଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଅଭିଭାବକମାନେ ତାଲା ପକାଇ ଧାରଣାରେ ବସିଥିଲେ । ଅଭିଯୋଗରୁ ପ୍ରକାଶ ଯେ ଦୁମୁହାଁଣୀ ସାହିରେ ଥିବା ଦୁମୁହାଁଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୧୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏଠାରେ ଚାରିଜଣ ଶିକ୍ଷକ ନିୟୋଜିତ ଥିଲେ । ମାତ୍ର କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଏଠାରେ ଥିବା ଶିକ୍ଷକ ନନ୍ଦନ ବଦ୍ରାଙ୍କୁ ଢୋଲଗଣ୍ଡି ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ କରିଛନ୍ତି । ସେହିପରି ସେଠାରେ ଥିବା ଅନ୍ୟତମ ଶିକ୍ଷକ ସୌମ୍ୟରଂଜନ ପରିଡାଙ୍କୁ ଉଦଳା ବ୍ଲକର ଅଠଶାଗାଁ



ପ୍ରାଥମିକ ବିଦ୍ୟାଳୟକୁ ଡିପ୍ଲୋଏଡ୍ କରିଛନ୍ତି । ଫଳରେ ଉକ୍ତ ଦୁମୁହାଁଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦେଖାଦେଇଛି । ଏ ସଂପର୍କରେ ସ୍ଥାନୀୟ ସରପଞ୍ଚ ଭଂଜ ସିଂ, ଶରତ ବିକାଶ ମଞ୍ଚର ସଭାପତି ଗାମାଇ ରିମିଲ ସିଂ ଗୋଇପାଇ, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ପ୍ରମୁଖମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କୌଣସି କର୍ଣ୍ଣପାତ ନକରିବାରୁ ଦୁର୍ଗାପୂଜା ଛୁଟି ପରେ ଆଜି ବିଦ୍ୟାଳୟ ଖୋଲିବା ପୂର୍ବରୁ ଗ୍ରାମବାସୀ, ପରିଚାଳଣା କମିଟିର କର୍ମକର୍ତ୍ତା ଓ ଶରତ ବିକାଶ ମଞ୍ଚର ସଭାପତି ଶ୍ରୀ ଗୋଇପାଇ ପ୍ରମୁଖ ବିଦ୍ୟାଳୟ ଫାଟକରେ ଚାବି ପକାଇ ଧାରଣାରେ ବସିରହିଥିଲେ । ଖବର ପାଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର, ଏବିଇଓ ଘନଶ୍ୟାମ ସିଂ ପ୍ରମୁଖ ଘଟଣାସ୍ଥଳରେ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ୪ଜଣ ଶିକ୍ଷକ ଦାବୀରେ ଅଟଳ ରହିଥିଲେ । ରେବେ ଶରତ ଥାନାଧିକାରୀଙ୍କ ମଧ୍ୟସ୍ଥିରେ ଆପୋଷ ଆଲୋଚନା ପରେ ଆସନ୍ତାକାଲି ଠାରୁ ଜଣେ ନୂତନ ଶିକ୍ଷକ ଓ ସିଆରସିସି ଶିକ୍ଷାଦାନ କରିବେ ଓ ଆସନ୍ତା ସାତ ଦିନ ଭିତରେ ଅନ୍ୟଜଣେ ନୂତନ ଶିକ୍ଷକ କାର୍ଯ୍ୟରେ ଯୋଗଦେବାର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ତେବେ ଉଚ୍ଚାଧିକାରୀଙ୍କ ଡେପୁଟେସନ୍ ଓ ଡିପ୍ଲୋଏଡ୍ ବ୍ୟବସ୍ଥାକୁ ବିଦ୍ୟାଳୟ ପରିଚାଳନା କମିଟି ଦୃଢ ବିରୋଧ କରିଛି ।

# ଉତ୍କଳ ବାଳାଶ୍ରମ ବାଲେଶ୍ୱର ଶାଖାର ପୁରାତନ ଛାତ୍ରଙ୍କ ଦ୍ୱାରା ବିଶ୍ୱ ଅନାଥ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୮/୧୦ (ନି.ପ୍ର): ଉତ୍କଳ ବାଳାଶ୍ରମ ବାଲେଶ୍ୱର ଶାଖାର ପୁରାତନ ଛାତ୍ର ଗତ ତା ୧୩, ୧୦,୨୦୨୪ ରିଖ ସଂଧ୍ୟା ୬ ଘଟିକା ସମୟରେ ଅନାଥ ଉତ୍ଥାନ ଓ ଥଇଥାନ ବୋର୍ଡ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅଧିନ ହରିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଳିଦାସ ପୁର ଶାଖା କାର୍ଯ୍ୟାଳୟରେ ଆସନ୍ତା ନଭେମ୍ବର ମାସ ତା ୧୧.୧୧. ୨୦୨୪ ରିଖ (ସୋମବାର) ବିଶ୍ୱ ଅନାଥ ଦିବସର ପାଳନ ଉତ୍କଳ ବାଳାଶ୍ରମ ବାଲେଶ୍ୱର ଶାଖା ପରିସର ରେ କରାଇବା ପାଇଁ ସୁଧାକର ଜେନାଙ୍କ ଆହ୍ୱାନରେ ଯୋଗାଚାର୍ଯ୍ୟ ଅନାମ ଗ୍ରାମୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମସ୍ତ ସଭ୍ୟ ସଭ୍ୟଙ୍କ ନିଷ୍ପତି କ୍ରମେ ଓଡ଼ିଶା ବିଧାନ ସଭାର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀ ର ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଉତ୍ସବ ବିଷୟରେ ଅବଗତ କରାଇବା ପାଇଁ ସ୍ଥିର ହେବାରୁ ଗତ ତା ୧୪,୧୦,୨୦୨୪ ରିଖ ସକାଳ ୮ ଘଟିକା ସମୟରେ Orphan Upliftment and Rehabilitation Trust ବୋର୍ଡର ଏକ ପ୍ରତିନିଧି ମଣ୍ଡଳୀ ଶ୍ରୀ ଦାସଙ୍କ ବାସଭବନରେ ସାକ୍ଷାତ କରି ଉତ୍ସବ ପାଳନ ବିଷୟରେ ଆଲୋଚନା କରିବା ପରେ ଶ୍ରୀ ଦାସ ଭକ୍ତ ଦିବସର ତାତ୍ପର୍ଯ୍ୟ ତାକୁ ହୃଦୟଙ୍ଗମ କରି ଆଗାମୀ ଦିନରେ ଉକ୍ତ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ପ୍ରତିନିଧି ମଣ୍ଡଳୀ ଶ୍ରୀ ଦାସଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସଙ୍ଗେ ସଙ୍ଗେ କୃତଜ୍ଞତା ଜଣାଇ ଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀର ଭାରତୀୟ ଜନତା ପାର୍ଟି 'ଜନଜାତି ମୋର୍ଚ୍ଚା'ର ଜିଲ୍ଲା ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ବିପିନ ମାରାଣ୍ଡି ଓ ତାଙ୍କ ସହିତ ଯଶୋବନ୍ତ ପାଲ, ବୁଦ୍ଧିରାମ ମାରାଣ୍ଡି, ଶଙ୍କର୍ଷଣ ସ୍ୱାଇଁ, ସ୍ୱପ୍ନେଶ୍ୱର୍ ବେହେରା, କୃଷ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସୁରଭି-୨୦୨୪ ଅନୁଷ୍ଠିତ



ଖଇରା, ୧୮/୧୦ (ନି.ପ୍ର): ଖଇରା ବ୍ଲକଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୭ ଆଞ୍ଚଳିକ ସାଧନ କେନ୍ଦ୍ର(କ୍ଲଷ୍ଟର)ରୁ ଆସିଥିବା କୃତି ଛାତ୍ରଛାତ୍ରୀ ମାନେ ସେମାନଙ୍କର ପାରଦର୍ଶିତା ଦେଖାଇଛନ୍ତି । ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ପିଲା ମାନଙ୍କର ଦକ୍ଷତା ବିକାଶ ପାଇଁ ସୁରଭୀ ଉତ୍କୃଷ୍ଟ ମଞ୍ଚ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ସିଆରସିସି ଲକ୍ଷ୍ମଣ ସେନ, ନଟବର ଦାସ, ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ଦାସ, ରଞ୍ଜନ କୁମାର ମହଲା ପ୍ରମୁଖ ଯୋଗ ଦେଇଥିଲେ । ପରେ ଜୁନିୟର ସିନିୟର ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସୃଜନଶୀଳ, କୁଇଜ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବିତର୍କ, ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦିବ୍ୟାଙ୍ଗ ପିଲା ମାନଙ୍କ ମଧ୍ୟରେ ହସ୍ତାକ୍ଷର,ଚିତ୍ରକଳା,ଶିଳ୍ପକଳା, ସଙ୍ଗିତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ଓ ଗୋଲକ ବିହାରୀ ପାଢୀ ,ଏବିଇଓ ପାର୍ବତୀ ପଣ୍ଡା,ପ୍ରାକ୍ତନ ଏବିଇଓ ଶ୍ରୀଧର ବେହେରା,ଗୌରାଙ୍ଗ ମହାପାତ୍ର,ହେମନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ କୃତିତ୍ୱ ଅର୍ଜନକାରୀ ପିଲାମାନଙ୍କୁ ପୁରସ୍କୃତ କରିଥିଲେ । ସୁବାଷ ଚନ୍ଦ୍ର ସାହୁ,ପ୍ରଶାନ୍ତ ହୋତା ଓ ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ପ୍ରଶାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ସିଆରସିସି,ଅପିସ କର୍ମଚାରୀ,ଶିକ୍ଷକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ ।

## ରେଖାଙ୍କୁ ଦୌଡରେ ସ୍ୱର୍ଣ୍ଣ ପଦକ

ସମ୍ବଲପୁର, ୧୮/୧୦ (ନି.ପ୍ର): ସମ୍ବଲପୁର ଝିଅ ରେଖା ଦେ ୪୫ବର୍ଷୀୟ ମହିଳା ବର୍ଗ ୧୦୦ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଏଥିସହ ଲମ୍ବଡିଆଁରେ ସ୍ୱର୍ଣ୍ଣ ଓ ଟ୍ରିପଲ ଡିଆଁରେ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ତେଣୁ ଆର୍ନ୍ତଜାତୀୟ ମାଷ୍ଟର କ୍ରୀଡାବିତ୍ ସୁନ୍ଦରମଣି ବାରିକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ, ୩୬ତମ ମାଲେସିଆନ ଆର୍ନ୍ତଜାତୀୟ ଓପନ ମାଷ୍ଟର୍ସ ଏଥେଲେଟିନିସ୍ ଚାମ୍ପିୟାନସିପ୍ ୨୦୨୪ କୁଆଲାଲମପୁର ଠାରେ ଅନୁଷ୍ଠିତ ହୋଇଯାଇଛି।

# ପୁରୁଣା ସର୍କିଟ୍ ହାଉସ୍ ପାଖ ଯାତ୍ରା ପଡ଼ିଆରେ ବସିବେ ବାଣ ଦୋକାନୀ


ଭଦ୍ରକ, ୧୮/୧୦ (ନି.ପ୍ର): ।ସନ୍ତା ଦୀପାବଳୀ ଉତ୍ସବ ପାଳନ ଅବସରରେ ବାଣ ବ୍ୟବସାୟୀ ମାନଙ୍କୁ ଲାଇସେନସ୍ ପ୍ରଦାନ ଓ ଅସ୍ଥାୟୀ ବାଣ ଦୋକାନ ଖୋଲିବା ପାଇଁ ସ୍ଥାନ ନିରୂପଣ ନେଇ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଏସ୍.ପି. ମାଡ଼କର ସନ୍ଦୀପ ସଂପତ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସହକାରୀ ଜିଲ୍ଲାପାଳ ନ୍ୟାୟିକ, କାର୍ତ୍ତିକ ନାଥ ମଣ୍ଡଳ, ସି.ଟି.ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅସ୍ଥାୟୀ ବାଣ ଦୋକାନ ଖୋଲାଯିବା ପାଇଁ ପ୍ରଶାସନିକ ମାର୍ଗଦର୍ଶିକା ଓ ସର୍ତ୍ତାବଳୀ ସମ୍ବନ୍ଧରେ ବୈଠକରେ ଉପସ୍ଥିତ ଥିବା ବାଣ ଦୋକାନୀ ସଂଘର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଅସ୍ଥାୟୀ ବାଣ ଦୋକାନ ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣ ନେଇ ବୈଠକରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ବୈଠକରେ ଉପସ୍ଥିତ ବାଣ ଦୋକାନୀ ମାନଙ୍କ ପ୍ରସ୍ତାବ କ୍ରମେ ପୁରୁଣା ସର୍କିଟ୍ ହାଉସ ନିକଟସ୍ଥ ଗେଲପୁର ମୌଜାରେ ଥିବା ଘରୋଇ ଜାଗା ଯାତ୍ରା ପଡ଼ିଆକୁ ସେଥିପାଇଁ ଠିକ୍ କରାଗଲା। ଅଗ୍ନି ନିରାପତ୍ତା ନିୟମାନୁଯାୟୀ ୧୦ ଫୁଟ ବ୍ୟବଧାନରେ ବ୍ୟବସାୟୀମାନେ ଦୋକାନ ଖୋଲିବେ। ଏଥିପାଇଁ ଅଗ୍ନିଶମ ସେବାଧିକାରୀ, ସଂପୃକ୍ତ ତହସିଲଦାର, ସି.ଟି.ଡି.ଏସ୍.ପି. ଓ ସହକାରୀ ଜିଲ୍ଲାପାଳ, ନ୍ୟାୟିକ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ନିୟମାନୁଯାୟୀ ସ୍ଥାନ ଚିହ୍ନଟ କରି ଦୋକାନ ପାଇଁ ମାପ ଦେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସୂଚନା ଯୋଗ୍ୟକି ଅକ୍ଟୋବର ୨୮ ରୁ ଅକ୍ଟୋବର ୩୧ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବାଣ ଦୋକାନ ଖୋଲାଯିବା ପାଇଁ ଆବେଦନ ଅନୁଯାୟୀ ଅନୁମତି ପ୍ରଦାନ କରାଯିବ। ଲାଇସେନସ୍ ବିନା କୌଣସି ଦୋକାନରେ ବାଣ ବ୍ୟବସାୟ ନଜରକୁ ଆସିଲେ ଆଇନାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଇଚ୍ଛୁକ ବ୍ୟବସାୟୀମାନେ ନିର୍ଦ୍ଧାରିତ ଘରୋଇ ଜାଗାରେ ମାଲିକଙ୍କ ଠାରୁ ଆବଶ୍ୟକୀୟ ଅନୁମତି ଆଣିବା ସହିତ ୫୦୦ ଟଙ୍କାର ଟ୍ରେଜେରୀ ଚାଲାଣ ସହ ସଂପୃକ୍ତ ଅଗ୍ନିଶମ କାର୍ଯ୍ୟାଳୟ, ତହସିଲଦାର, ପୌରପାଳିକା, ଥାନାଧିକାରୀଙ୍କ ଠାରୁ ଅନୁମତି ପତ୍ର ଆଣି ଚୂଡ଼ାନ୍ତ ଲାଇସେନସ୍ ପ୍ରାପ୍ତି ପାଇଁ ଜିଲ୍ଲା ପ୍ରଶାସନକୁ ଆବେଦନ କରିବେ। ସଂପୃକ୍ତ ସଂଘ ତରଫରୁ ୩୦ ଓ ସଂଘ ବାହାରେ ପ୍ରାୟ ୧୦ ଦୋକାନ ଖୋଲାଯିବାକୁ ଦୃଷ୍ଟିରେ ରଖି ସମୁଦାୟ ୪୦ ଦୋକାନ ପାଇଁ ଆବେଦନ ପତ୍ର ପ୍ରାପ୍ତିର କ୍ରମାନୁଯାୟୀ ଲାଇସେନସ୍ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ସଂପୃକ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।





# ରାଜ୍ୟସ୍ତରୀୟ 'ଉତ୍କଳ ଜ୍ୟୋତି' ସମ୍ମାନରେ ଦେବାଂଶ ପ୍ରଥମ

ବାଲିଆପାଳ/ ଲଙ୍ଗଳେଶ୍ୱର ୧୮/୧୦ : (ନି ପ୍ର ): ଚଳିତ ଶିକ୍ଷାବର୍ଷରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ତରଫରୁ ଗତ ୯ ତାରିଖ ଦିନ ୧୦ଟି ଦକ୍ଷତା କୁ ଭିତ୍ତି କରି ରାଜ୍ୟ ସ୍ତରୀୟ 'ଉତ୍କଳ ଜ୍ୟୋତି' ସମ୍ମାନ ଚୟନ ନିମନ୍ତେ ଏକ ସର୍ବେକ୍ଷଣ କରାଯାଇଥିଲା । ଉକ୍ତ ସର୍ବେକ୍ଷଣରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ନୂଆଗାଁ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଦେବାଂଶ ବେହେରା ଉପଶିଶୁ ବିଭାଗରେ ରାଜ୍ୟରେ ଟପ୍ପର ହୋଇଛନ୍ତି । ଗତକାଲି ବିଶ୍ୱ ଛାତ୍ରଦିବସରେ କଳିଙ୍ଗ ବୁଦ୍ଧମନ୍ଦିର ଭୁବନେଶ୍ୱରଠାରେ ସମ୍ମାନିତ ଏବଂ ପୁରସ୍କାର ବିତରଣ ଉତ୍ସବରେ ଦେବାଂଶ ଯୋଗ ଦେଇ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ,ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଙ୍କ ଠାରୁ 'ଉତ୍କଳଜ୍ୟୋତି ସମ୍ମାନ' ଉପାଧି ଏବଂ ପୁରସ୍କାର ଗ୍ରହଣ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ର ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା



ଶୁଭେଚ୍ଛା ଜଣାଇଛନ୍ତି । ଦେବାଂଶ ନୂଆଗାଁ ଗ୍ରାମର ସୁବାସ ଚନ୍ଦ୍ର ବେହେରା ଏବଂ ସଞ୍ଜିତା ମହାନ୍ତିଙ୍କର ସୁପୁତ୍ର ଅଟନ୍ତି । ତାଙ୍କ ବାପା ଜଣେ ଶିକ୍ଷକ ଥିବାବେଳେ ମାଆ ସଞ୍ଜିତା ଜଣେ ଅଙ୍ଗନୱାଡ଼ି କର୍ମୀ ଅଟନ୍ତି ।

# ବିହାରରେ ବିଷାକ୍ତ ମଦରେ ଏବେ ପର୍ଯ୍ୟନ୍ତ ୪୭ ମୃତ୍ୟୁ: ୪୫୦ ଗିରଫ

ପାଟନା, ୧୮/୧୦ (ନି.ପ୍ର): ବିହାରରେ ସାରଣ-ସିବାନ ଜିଲ୍ଲାରେ ଏବେ ପର୍ଯ୍ୟନ୍ତ ବିଷାକ୍ତ ମଦ ପିଇ ୪୭ ଲୋକଙ୍କ ମୃତ୍ୟୁ ହୋଇସାରିଛି। ସିବାନରେ ୩୨, ସାରଣରେ ୧୩ ଏବଂ ଗୋପାଳଗଂଜରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଅବୈଧ ମଦ ବ୍ୟାପାର ସହିତ ଜଡିତ ଥିବା ୪୫୦ ଲୋକଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ସାରଣର ଜିଲ୍ଲାଧିକାରୀ ଆସାମ ସମୀର ବଡ଼ ଘୋଷଣା କରି କହିଛନ୍ତି ଯେ ଆମକୁ ଯେଉଁଠାରେ ମଦ ମିଳିଥିଲା, ତା'ର ଲ୍ୟାବ ଟେଷ୍ଟ କରାଯାଇଛି। ସେଥିରେ ୮୦ ପ୍ରତିଶତ ମିଥାଇଲ୍ ଆଲ୍‌କୋହଲ ମିଳିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଘାତକ। ମଦ ବିଷାକ୍ତ ହେବାର ମୁଖ୍ୟକାରଣ ଏଥିରେ ମିଥାଇଲ୍ ଆଲକୋହଲ୍ ମିଳେ।
ଡିଏମ୍ କହିଛନ୍ତି ଯେ ସ୍ପିଟ କେଉଁଠାରୁ ଆସିଛି, ଏହାର ସୂଚନା ଆମେମାନେ ପ୍ରାପ୍ତ କରୁଛୁ। ମୌକା-ଏ-ବାରଦାତରେ ଆମେମାନେ ଏକ ପଲିଥିନ୍ ଏବଂ ଏକ ବୋତଲ ଜବତ କରାଯାଇଥିଲା। ବୋତଲର ଡ୍ରାପ ଲେଟ୍‌ସକୁ ନେଇ ଆମେ ଏକ୍ସାଇଜ ବିଭାଗ ପଠାଇଥିଲା। ଏହାର ପ୍ରତିବେଦନ ଆମକୁ ମିଳିଛି। ଯାଂଚରେ ମିଳିଛି ଯେ ଏଥିରୁ ୮୦ ପ୍ରତିଶତ ମିଥାଇଲ୍ ଆଲୋକହଲ୍ ଅଛି। ଆଉ ଏକ ହାନିକାରକ ତତ୍ୱ ମିଳିଛି।

# ରାଇବଣିଆ ଅଞ୍ଚଳରେ ୫୫ ଟିକିଆ ହାତୀପଲ ଚାଷୀଙ୍କୁ କଲେଣି କଲବଲ

ଜଳେଶ୍ୱର, ୧୮/୧୦ (ନି.ପ୍ର): ରାଇବଣିଆ ଅଂଚଳ ରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ପ୍ରାୟତ ଲୋକେ ଆତଙ୍କିତ ଅବସ୍ଥା ରେ ଅଛନ୍ତି। ପ୍ରାୟତଃ ଦୀର୍ଘ ପାଞ୍ଚ ବର୍ଷ ହେବ ଏହି ଅଞ୍ଚଳ ରେ ହାତୀ ମାନେ ଆତଙ୍କ ଖେଳାଇ ଚାଲିଛନ୍ତି । ଦିନ ବେଳା ହାତୀ ମାନେ ଜଙ୍ଗଲ ରେ ରହୁଥିବା ବେଳେ ରାତି ହେଲେ ହାତୀ ମାନେ ଜନବସତି ଏବଂ କ୍ଷେତ ମୁହାଁ ହେଉଛନ୍ତି। ଫଳରେ ଧାନ ଫସଲ କ୍ଷତି ହେବା ସହିତ ଲୋକଙ୍କୁ ମାରିବା ସହିତ ଘର ମଧ୍ୟ ନଷ୍ଟ ଭାଙ୍ଗୁଛି ଫଳରେ ସନ୍ଧ୍ୟା ହେଲେ ଏହି ଅଞ୍ଚଳ ରେ ତାଟି କବାଟ ପଡୁଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ବାଲେଶ୍ୱର ଏବଂ ମୟୂରଭଞ୍ଜ ସୀମା ଗୁରୁବାର ରାତି ୧୨ ଟା ସମୟ ରେ କେନ୍ଦୁଖୁଣ୍ଟା ବିଲ ଦେଇ ଭୋର ସମୟରେ ୫୫ ଝାଡଖଣ୍ଡି ହାତୀ ପଲ ଆସି ଲୁହାପଡ଼ା ଜଙ୍ଗଲ ରେ ପହଂଚିଛନ୍ତି। ଏହି ୫୫ ଟିକିଆ ହାତୀ ପୋଲ କୁ ଜଙ୍ଗଲ କୁ ଘଉଡାଇବା ପାଇଁ ରାଇବଣିଆ ବନ୍ୟ କାର୍ଯ୍ୟାଳୟ ପକ୍ଷରୁ ରାଇବଣିଆ ଫରେଷ୍ଟର ପ୍ରହ୍ଲାଦ ନାୟକ ଏବଂ ଫରେଷ୍ଟର ଗାର୍ଡ ଦିଲ୍ଲିପ ସିଂ ଙ୍କ ସହିତ ବନ୍ୟ ସ୍କ୍ୱାର୍ଡ ଉପସ୍ଥିତ ରହି ହାତୀ ଗୁଡ଼ିକ ଲୁହାପଡ଼ା ଜଙ୍ଗଲ ଆଡକୁ ମୁହାଁ ହୋଇଛନ୍ତି। ଏ ନେଇ ଆଜି ସକାଳ ସମୟ ରେ ବାଲେଶ୍ୱର ଜିଲ୍ଲା ବନ୍ୟରକ୍ଷକ ଖୁସ୍ୱନ୍ତ ସିଂ ଏବଂ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ ଆସି ଅଞ୍ଚଳ ବୁଲିଥିଲେ । ଆଜି ଉକ୍ତ ହାତୀ ପଲ କୁ ଘଉଡାଇବା ପାଇଁ ବାଲେଶ୍ୱରରୁ ଏକ ଟିମ୍ ମଧ୍ୟ ଆସି ପହଞ୍ଚିଛି। ଉକ୍ତ ହାତୀ ଗୁଡ଼ିକ ଏବେ ଲୁହାପଡା ଜଙ୍ଗଲ ରେ ରହିଛନ୍ତି। ହାତୀ ପୋଲୋ ଉପରେ ନଜର ରଖିଛି ବନ ବିଭାଗ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo